# ହାଲୁଆ ପ୍ୟାକେଟ୍‌ରେ ପୋକ ସାଲୁବାଲୁ

### ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ, କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର,୫।୮ (ହର୍ଷବର୍ଦ୍ଧନ ବେହେରା)

ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ଲାଗି ସରକାରଙ୍କ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ହାଲୁଆ ପ୍ୟାକେଟ ବଣ୍ଟନ କରାଯାଉଛି। ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ସାଧାରଣ ଶିଶୁଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଯୋଜନା ଆରମ୍ଭ ହେବାର ପ୍ରାୟ ୧୦ବର୍ଷ ବିତିଯାଇଥିଲେ ହେଁ ସରକାରଙ୍କ ଏହି ଲକ୍ଷ୍ୟ ଏଠାରେ ପଥଭ୍ରଷ୍ଟ ହୋଇଛି। ହାଲୁଆ ପ୍ୟାକେଟ୍ ଖୋଲିଲେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମଖଣ୍ଡ ଗ୍ରାମରେ ଶ୍ରୀଶ୍ରୀ ରାମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ହାଲୁଆ ପ୍ୟାକେଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ପ୍ୟାକେଟ ପ୍ରସ୍ତୁତିର ୨ ସପ୍ତାହ ମଧ୍ୟରେ ପୋକ ବୁଲୁଥିବା ଦୃଶ୍ୟ ଶିଶୁଙ୍କ ଜୀବନ ପ୍ରତି ବିପଦ ବୋଲି ଅଭିଯୋଗ କରି ମୂଳନିବାସୀ ୟୁନାଇଟେଡ୍ ଫୋରମ ତରଫରୁ ସୋମବାର ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାପୂର୍ବରୁ ବରୀ ବ୍ଲକ ଅଲ୍ଲୀପୁର ଗ୍ରାମର ମହିଳା ସଂଘ ପକ୍ଷରୁ ପ୍ରସ୍ତୁତ ହାଲୁଆ ପ୍ୟାକେଟରେ ପୋକ ଥିବାର ଅଭିଯୋଗ ହୋଇଥିଲେ ହେଁ ଜିଲା ସମାଜ କଲ୍ୟାଣ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ତଦନ୍ତ କରି ନୀରବି ଯାଇଥିଲେ। ତେବେ ଜିଲାପାଳ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ରସୁଲପୁର ବ୍ଲକ ଦାମୋଦରପୁର, ଚିତ୍ରକୁଳ ଦଳିତ ସାହିରୁ ଉଦ୍ଧାର ହୋଇଥିବା ହାଲୁଆରେ ସୁଜି ୭୬୦ ଗ୍ରାମ, ବେସନ ୨୬୦ ଗ୍ରାମ, ଚିନି ୪୦୦ ଗ୍ରାମ, ତେଲ ୮୦ ଗ୍ରାମ ମିଶି ସମୁଦାୟ ୧୫୦୦ ଗ୍ରାମ ରହିବା କଥା। କିନ୍ତୁ ଚିନି ମାତ୍ର ୫୦ ଗ୍ରାମ ଅଛି, ସେଥିରେ ତେଲ ନାହିଁ। ଏପରିକି ସମୁଦାୟ ମୋଟ ୧୨୦୦ ଗ୍ରାମ ଓଜନ ଅଛି। ସିଡିପିଓ ଏଥିରେ ସମ୍ପୃକ୍ତ ଥାଇ ଏପରି ଅନେକ ସଂସ୍ଥା ସହିତ ପ୍ରଲୋଭିତ ହୋଇଛନ୍ତି ବୋଲି ଫୋରମ ଅଭିଯୋଗ ଆଣିଛି। ମାତ୍ର ପ୍ରଶାସନ ପକ୍ଷରୁ ବିଭିନ୍ନ ଉପାୟରେ ଏହାକୁ ଚାପି ଦିଆଯାଉଛି। ତେଣୁ ଏହି ପୋକ ସାଲୁବାଲୁ ଥିବା ହାଲୁଆ କିପରି ଶିଶୁଙ୍କୁ ଦିଆଗଲା, ଏହାର ମାନ କାହିଁକି ଯାଞ୍ଚ କରାଯାଇ ନାହିଁ ତା'ର ତଦନ୍ତ ସହ ଜିଲାର ସମସ୍ତ ହାଲୁଆ ଯୋଗାଣକାରୀ ସଂସ୍ଥାଗୁଡିକ ଉପରେ ତନଖି କରାଯାଉ ବୋଲି ଦାବି କରାଯାଇଛି। ଏଥିରେ ଥିବା ସଂପୃକ୍ତ ସରକାରୀ ଅଧିକାରୀ ଓ ଛତୁଆ ଯୋଗାଇଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ତରଫରୁ ଦାବି କରାଯାଇଛି।


ପୋକ ଲାଗିଥିବା ହାଲୁଆ ପ୍ୟାକେଟକୁ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ଶିଶୁ ପୁଷ୍ଟିକର ଖାଦ୍ୟ ଅଭାବ ହେତୁ ରୁଗ୍ଣ ହୋଇ ରକ୍ତହୀନତା ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । କାହାର ଗୋଡ଼ହାତ କ୍ଷୀଣ ହୋଇ ଯାଉଛି ତ କାହାର ପେଟ ଫୁଲି ଯାଉଛି। ଆଉ କାହାର ଶରୀର ତୁଳନାରେ ମୁଣ୍ଡ ବଡ଼ ଦିଶୁଛି। ଏମାନଙ୍କୁ ସହଜରେ ସୁଷମ ଖାଦ୍ୟ ଯୋଗାଇଦେବାକୁ ରାଜ୍ୟରେ ପ୍ରାୟ ୧୦ ବର୍ଷ ହେଲା ହାଲୁଆ ଓ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ଏହାର ପ୍ରସ୍ତୁତିରେ ନିମ୍ନମାନର ଯୋଗୁ ଯାଜପୁର ଜିଲାର ଶତାଧିକ ଶିଶୁଙ୍କ ସ୍ୱାସ୍ଥ୍ୟ ବିପଦରେ ପଡିଛି ବୋଲି ଫୋରମ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

# ଡକାୟତି ଯୋଜନା ବେଳେ ୮ ଜଣଙ୍କୁ କାବୁ କଲା ପୋଲିସ


ଗିରଫ ହୋଇଥିବା ୮ ଅଭିଯୁକ୍ତ।

ଯାଜପୁରରୋଡ଼,୫।୮ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ ପୋଲିସ ଡକାୟତି ଯୋଜନା କରୁଥିବା ବେଳେ ଅତର୍କିତ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଗିରଫ ଡକାୟତମାନେ ହେଲେ ଦାନଗଦିର ରାଜେଶ ମହାକୁଡ଼ ଓ ଦିନେଶ ମହାକୁଡ଼, ଧବଳଗିରି ମାଳିସାହିର ସାଗର ଗାଇପାଇ, ଦାନଗଦିର ବିକାଶ ସେଠୀ, ଦୀପକ ସେଠୀ, ଅନିଲ ଦାସ, ଧୂଳିଗଡ ଗ୍ରାମର ସତ୍ୟବ୍ରତ ଦେହୁରୀ ଏବଂ ଲକ୍ଷ୍ମୀନଗର ଗ୍ରାମର ସିଧେଶ୍ୱର ସାହୁ । ଏମାନଙ୍କ ନିକଟରୁ ୨ଟି ବାଇକ୍, ଗୋଟିଏ ମୋବାଇଲ, ଏକ ଲାଲ ଗାମୁଛା ଏବଂ ଗୋଟିଏ ଲୁହା କାତି (ଖଣ୍ଡା) ଜବତ କରାଯାଇଛି ।

ସୂଚନା ଅନୁଯାୟୀ, ସୋମବାର ସକାଳେ ଦାନଗଦି ଅନ୍ତର୍ଗତ କଙ୍କଡଝର ଜଙ୍ଗଲରେ ଏକ ଡକାୟତ ଦଳ ଡାକୟତି ପାଇଁ ଯୋଜନା କରୁଥିଲେ । ଖବର ପାଇ ଯାଜପୁରୋଡ଼ ପୋଲିସ ସେଠାରେ ଚଢ଼ାଉ କରିଥିଲା । ଗିରଫ ରାଜେଶ ମହାକୁଡ଼ ନାମରେ ପୂର୍ବରୁ ଯାଜପୁରରୋଡ଼ ଥାନାରେ ୬ଟି ମାମଲା ରହିଛି । ସତ୍ୟବ୍ରତ ଦେହୁରୀ ନାମରେ ୭ଟି ଓ ଅନିଲ ଦାସ ନାମରେ ୨ଟି ମାମଲା ଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଯାଜପୁରରୋଡ଼ ଥାନାରେ ଏକ ମାମଲା(ନଂ ୪୭୧/ ୨୪) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ପାର୍କରେ ବିରଜାଙ୍କ ମୂର୍ତ୍ତି ସ୍ଥାପନାକୁ ବିରୋଧ

ଯାଜପୁର ଟାଉନ,୫।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ବିରଜା ମନ୍ଦିର ନିକଟରେ ନୂତନ ଭାବେ ନିର୍ମାଣ ହୋଇଥିବା ଏକ ପାର୍କରେ ମା'ବିରଜାଙ୍କ ମୂର୍ତ୍ତି ସ୍ଥାପନକୁ ନେଇ ବିବାଦ ଠିଆ ହୋଇଛି। ଏହି ପାର୍କରେ ମା'ବିରଜାଙ୍କ ମୂର୍ତ୍ତି ବଦଳରେ ଅନ୍ୟ କୌଣସି ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ଦାବି ରଖିଛନ୍ତି ହିନ୍ଦୁ ଏକତା ମଂଚ ଓ ବଜରଙ୍ଗ ଦଳ । ସେମାନଙ୍କର ଦାବି ମୁତାବକ ପାର୍କ ଭଳି ସର୍ବସାଧାରଣଙ୍କ ଆମୋଦ ପ୍ରମୋଦ ସ୍ଥାନରେ ମା'ଙ୍କ ମୂର୍ତ୍ତି ସ୍ଥାପନ କଲେ ତାହା ମା'ଙ୍କ ପ୍ରତି ଅପମାନ ହେବ। ଏହା ହିନ୍ଦୁମାନଙ୍କ ଧାର୍ମିକ ଆସ୍ଥା ଉପରେ କୁଠାରଘାତ ହେବ । ଅନ୍ୟପକ୍ଷେ ମା' ବିରଜା କୌଣସି ଆମୋଦ ପ୍ରମୋଦର ବସ୍ତୁ ନୁହଁନ୍ତି ଯେ ତାଙ୍କୁ ପାର୍କ ଭଳି ସ୍ଥାନରେ ସ୍ଥାପନା କରାଯିବ। ଯେଉଁଠି କି ଦୈନିକ ବିଭିନ୍ନ ପ୍ରକାରର ବିଧର୍ମୀଙ୍କ ଅବାଧ ପ୍ରବେଶ ରହିବ, ଯାହାକୁ କେହି ରୋକି ପାରିବେ ନାହିଁ। ଯାଜପୁରର ବୁଦ୍ଧିଜୀବିଙ୍କ ମତରେ ଯଦି ମା' ବିରଜାଙ୍କ ମୂର୍ତ୍ତି ବଦଳରେ 'ଯଯାତି କେଶରୀ' କିମ୍ବା 'ଭାରତ ମାତା'ଙ୍କ ପ୍ରତିମୂର୍ତ୍ତି ସେଠାରେ ସ୍ଥାପନ କରାଯାଇ ପାରନ୍ତା ତେବେ ଜିଲା ପ୍ରଶାସନ ଯାଜପୁରବାସୀଙ୍କ ପ୍ରଶଂସାଭାଜନ ହୋଇପାରନ୍ତେ ବୋଲି ହିନ୍ଦୁ ଏକତା ମଞ୍ଚ ଭାରତ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ରଖିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅରବିନ୍ଦ ଦାସ, ବାଦଲ କୁମାର ନାୟକ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅମୀୟ ମହାନ୍ତି, ରାମଚନ୍ଦ୍ର ପ୍ରଧାନ, ଦେବବ୍ରତ ମିଶ୍ର, ଧନେଶ୍ୱର ଜେନା, ପ୍ରିୟବ୍ରତ ପଣ୍ଡା, ଧନେଶ୍ୱର ସାହୁ, ଗୌତମ ପରିଡ଼ା, ଉମାକାନ୍ତ ପଣ୍ଡା, ରତିକାନ୍ତ ଜେନା, ସୁରେଶ ପତି, ଅନନ୍ତ ମହାରଣା, ରତିକାନ୍ତ ବେହେରା, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି କରାଇ ଦେବା କହି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

### ଅଭିଯୁକ୍ତଙ୍କୁ ଧରି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

ପାଣିକୋଇଲି,୫।୮ (ବିକାଶ କୁମାର ମଲିକ):

ମାଲକାନଗିରି ଜିଲା ମାଥାଲି, ପାଖନାଗୁଡ଼ା ଗ୍ରାମର ରାମଚନ୍ଦ୍ର ଦାରୁଆ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ପାଲଟପୁର ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକତା କରନ୍ତି । ୨୦୨୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ପିଇଓ ଚାକିରି ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ସୁଯୋଗ ନେଇ ଶିକ୍ଷକ ରାମଚନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ଉକ୍ତ ଚାକିରି ପାଇଁ ଆଗ୍ରହୀ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ । ରାଜ୍ୟର ଜଣେ ପ୍ରଭାବଶାଳୀ ନେତାଙ୍କ ସହିତ ତାଙ୍କର ସମ୍ପର୍କ ରହିଥିବା କହିବା ସହ ଫଟୋ ଦେଖାଇଥିଲେ । ଚାକିରି ଲୋଭରେ ଅଭିଯୋଗକାରୀ ବରୀ ପାଲଟପୁର ଗ୍ରାମର ବିଭୂତି ଭୂଷଣ ଜେନା, ବିଶ୍ୱଜିତ ରାଉତ, ନିର୍ମଳ ଜେନା, ସୁରେନ୍ଦ୍ର ନାୟକ, ଦୀପ୍ତିଲତା ନାୟକ ପ୍ରମୁଖ ରାମଚନ୍ଦ୍ରଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। ପିଇଓ ଚାକିରିର ଫଳ ଘୋଷଣା ପରେ ଆବେଦନକାରୀଙ୍କ ନାମ ନ ଥିବାରୁ ସେମାନେ ରାମଚନ୍ଦ୍ରଙ୍କୁ ଦେଇଥିବା ଟଙ୍କା ମାଗିଥିଲେ । ରାମଚନ୍ଦ୍ର ଟଙ୍କା ଫେରସ୍ତ ପାଇଁ ୧ ମାସ ସମୟ ମାଗିଥିଲେ । ୧ ମାସ ପରେ ତାଙ୍କ ଅଞ୍ଚଳର ସୁରେନ୍ଦ୍ର ଗଡନାୟକ ଉକ୍ତ ଟଙ୍କା ନେଇଥିବା ପ୍ରକାଶ କରିଥିଲେ । କିନ୍ତୁ ଟଙ୍କା ଦେବା ତ ଦୂରର କଥା ସେ ଛୁଟି ନେଇ ଫେରାର ହୋଇଯାଇଥିଲେ । ବାରମ୍ବାର ସମୟ ନେଇ ଟଙ୍କା ନ ଫେରାଇବା ଓ ଫେରାର ହେବା ଦେଖି ଗତ ଜାନୁଆରୀ ୫ ତାରିଖ ଦିନ ବରୀ ରାମଚନ୍ଦ୍ରପୁର ଥାନାରେ ଟଙ୍କା ଦେଇଥିବା ବ୍ୟକ୍ତିମାନେ ଅଭିଯୋଗ କରିଥିଲେ । ଏହାପରେ ପୋଲିସ ଏକ ମାମଲା(ନଂ. ୧୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଶେଷରେ ପୋଲିସ ମାଲକାନଗିରି ଯାଇ ରାମଚନ୍ଦ୍ରଙ୍କୁ ନ ପାଇ ତାଙ୍କ ସହଯୋଗୀ ସୁରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପରେ ଅଭିଯୋଗକାରୀମାନେ ଏସ୍‌ପିଙ୍କୁ ଜଣାଇଥିଲେ । ଏଥିରେ କିଛି ସୁଫଳ ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ଗ୍ରହଣ କରିବାରୁ ଅଭିଯୋଗକାରୀମାନେ ରାମଚନ୍ଦ୍ରଙ୍କୁ ଖୋଜିବା ଆରମ୍ଭ କରିଥିଲେ । ଶେଷରେ ରାମଚନ୍ଦ୍ର ଭୁବନେଶ୍ୱରରେ ଥିବା ଖବର ପାଇ ଅଭିଯୋଗକାରୀମାନେ ସେଠାରେ ୩ ଦିନ ରହିଥିଲେ । ସୋମବାର ସକାଳୁ ସେମାନେ ରାମଚନ୍ଦ୍ରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ସନ୍ଧ୍ୟାରେ ରାମଚନ୍ଦ୍ରଙ୍କୁ ଧରି ଅଭିଯୋଗକାରୀମାନେ ଏସ୍‌ପିଙ୍କ ଅଫିସ୍‌ରେ ପହଞ୍ଚିଥିଲେ। ରାମଚନ୍ଦ୍ର ଚାକିରି କରାଇଦେବା ବାବଦରେ ୧ କୋଟି ୫ ଲକ୍ଷ ଟଙ୍କା ଆଦାୟ କରିଥିବା ସ୍ୱୀକାର କରିବା ସହ ସେହି ଟଙ୍କା ସୁରେନ୍ଦ୍ରଙ୍କ ଜରିଆରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଦିଆଯାଇଥିବା ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ଧରି ଅଭିଯୋଗକାରୀ ଏବେ ଏସ୍‌ପିଙ୍କ ଅପେକ୍ଷାରେ ଅଛନ୍ତି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏସ୍‌ପିଙ୍କୁ ଅଭିଯୋଗକାରୀମାନେ ଭେଟି ପାରି ନାହାନ୍ତି ।


ଧରାପଡ଼ିଥିବା ଶିକ୍ଷକ ରାମଚନ୍ଦ୍ର ଦାରୁଆ ।

# ଜବରଦଖଲ ଉଚ୍ଛେଦ ଦାବିକଲେ ଗ୍ରାମବାସୀ

ସିଂହପୁର,୫।୮ (ଅନଙ୍ଗ ଉଦୟ ବେଉରିଆ):

ବିଂଝାରପୁର ଥାନା ତଥା ବରୀ ବ୍ଲକ ସୁନ୍ଦରପୁର ଗ୍ରାମର ରାସ୍ତାପାର୍ଶ୍ୱ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ସୋମବାର ଗ୍ରାମବାସୀ ଯାଜପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ପୂର୍ବରୁ ଦୁଇ ପାର୍ଶ୍ୱ ରାସ୍ତା ଖୁବ୍ ପ୍ରଶସ୍ତ ଥିଲା । ଏବେ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲ ଯୋଗୁ ତାହା ସଂକୀର୍ଣ୍ଣ ହୋଇଯାଇଛି । ଫଳରେ ଗାଁ ଭିତରକୁ ଦମକଳ, ପୋଲିସ ଭ୍ୟାନ୍, ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡିଛି । ବିବାହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ସମସ୍ୟା ସୃଷ୍ଟି ହେଉଛି । ମୁଖ୍ୟ ରାସ୍ତା ସହିତ ଅନାବାଦୀ, ଗୋଚର ଓ ସର୍ବସାଧାରଣ ଜମିକୁ ଚକ୍ରାନ୍ତ କରି କେତେଜଣ ବ୍ୟକ୍ତି ନିଜ ଅକ୍ତିଆରକୁ ନେଇଯାଇଛନ୍ତି। ଫଳରେ ଗ୍ରାମରେ ସରକାରୀ ଉନ୍ନତି ମୂଳକ କାର୍ଯ୍ୟ, ରାସ୍ତା ଓ ସରକାରୀ କୋଠା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର, ପାନୀୟଜଳ ପ୍ରକଳ୍ପ ସମେତ ବିଭିନ୍ନ ସରକାରୀ ଯୋଜନା ନିର୍ମାଣରେ ବାଧା ସୃଷ୍ଟି ହେଉଛି । ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ବାରମ୍ବାର ଜିଲାପାଳ ଓ ବରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୋମବାର ଯାଜପୁରରେ ଆୟୋଜିତ ଜନଶୁଣାଣୀ ଶିବିରରେ ଜିଲାପାଳଙ୍କ ଜରିଆରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲିଖିତ ଅଭିଯୋଗ କରିଛନ୍ତି।

# ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ



### ବରୁଣେଶ୍ୱର ମହାବିଦ୍ୟାଳୟରେ

ବିଞ୍ଝାରପୁର,୫।୮ (ରାମକୃଷ୍ଣ ଦାସ):

ସ୍ଥାନୀୟ ବରୁଣେଶ୍ୱର ମହାବିଦ୍ୟାଳୟରେ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷା ବିନ୍ଦୁରେଖା ନାୟକ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ଏ ସମୟପଯୋଗୀ ପଦକ୍ଷେପକୁ ସେ ସ୍ୱାଗତ କରିବା ସହିତ ସ୍ୱାସ୍ଥ୍ୟ ସଚେତନତା ଓ ଆଶୁ ସତର୍କତା ଫାଇଲେରିଆଠାରୁ ଜନଜୀବନକୁ ଦୂରେଇ ରଖିବ ବୋଲି କହିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏ ସଂକ୍ରାନ୍ତରେ ଆଲୋଚନା କରିବା ସହ ସତର୍କ ରହିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ସଖୀ' କାର୍ଯ୍ୟକ୍ରମ ମାଧ୍ୟମରେ ପାରିବାରିକ ହିଂସା, ଯୌନ ଉତ୍ପୀଡନ, ଶିଶୁ ସୁରକ୍ଷା , ଆତିଶକ୍ତି ଓ ଆତ୍ମ ସୁରକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା । ଅଧ୍ୟାପକ ପ୍ରବୀର କର ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ସି କଲେଜ ହଷ୍ଟେଲ ସମ୍ମୁଖରେ ଛାତ୍ରଙ୍କ ଧାରଣା

ଯାଜପୁର ଟାଉନ,୫।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁରର ବହୁ ପୁରାତନ ଏନ.ସି କଲେଜର ପି.ଜି ଛାତ୍ରମାନେ ବିଭିନ୍ନ ଦାବି ନେଇ ସୋମବାର ହଷ୍ଟେଲ୍ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ୭ ମାସ ହେବ ଏହି ହଷ୍ଟେଲ୍‌ରେ ପିଇବା ପାଣି ପାଇଁ ଆକ୍ୱାଗାର୍ଡ କାମ କରୁନାହିଁ, ଅଧିକାଂଶ ସମୟରେ ପାଣି ମଧ୍ୟ ଆସୁନାହିଁ। ହଷ୍ଟେଲ୍‌ରୁ ଛାତ୍ରମାନେ ପେଟ୍ରୋଲ ପମ୍ପକୁ ଆସି ପାଣି ନେଇ ପିଉଛନ୍ତି। ହଷ୍ଟେଲ୍‌ର ମୁଖ୍ୟ ଫାଟକ ଦେଇ ଷଣ୍ଢ, ଗାଇ, କୁକୁର ଆଦି ପଶୁମାନେ ଏଠାରେ ଶୋଇରହିଥାନ୍ତି। ରୁମ୍ ସମ୍ମୁଖରେ ଡଷ୍ଟବିନ୍‌ର ବ୍ୟବସ୍ଥା ରହି ନ ଥିବାରୁ ରୁମ୍ ଆଗରେ ଅଳିଆ ଆବର୍ଜନା ପଡିରହୁଛି। ହଷ୍ଟେଲ୍‌ରେ ଥିବା କୌଣସି ପାଇଖାନା ଏବଂ ଗାଧୁଆଘର ଠିକ୍ ଭାବେ କାମ କରୁନାହିଁ। ଧାଡ଼ିରେ ଠିଆ ହୋଇ ଶୌଚ ଯିବାକୁ ପଡୁଛି। ଏ ସମ୍ବନ୍ଧରେ ପୂର୍ବରୁ ଥିବା କଲେଜର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏବେ ନୂତନ ଭାବେ ଆସିଥିବା ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ସମସ୍ୟା ଜଣାଇବାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ପାଣି ଟାଙ୍କିରେ ଆଣ୍ଠୁଏ ଲେଖାଏଁ ଶିଉଳି ଲାଗି ରହିଛି। ସେହି ପାଣିକୁ ଆମେ ପିଇବା ପାଇଁ ବାଧ ହେଉଛନ୍ତି ବୋଲି ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ କୌଣସି ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା ହଷ୍ଟେଲ୍‌ର ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏପରି କି ନୂତନ ଅଧ୍ୟକ୍ଷ ୭ ଦିନ ମଧ୍ୟରେ ବ୍ରଜମୋହନ ପ୍ରହରାଜ ହଷ୍ଟେଲ୍‌ର ମରାମତି କାର୍ଯ୍ୟ କରାଯିବ ନଚେତ୍ ତୁମମାନଙ୍କୁ ନୂତନ ପି.ଜି ହଷ୍ଟେଲ୍‌ରେ ରହିବା ପାଇଁ ଦିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଏନ.ସି କଲେଜର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରେ ଖୁବ୍ ଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



# ବିଶ୍ୱ ସ୍ତନ୍ୟପାନ ସପ୍ତାହ, ଫାଇଲେରିଆ ସଚେତନତା ଶିବିର

ରସୁଲପୁର,୫।୮ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଓ ଫାଇଲେରିଆ ନିରାକରଣ ସମ୍ପର୍କିତ ସଚେତତନା ଶିବିର ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ମାନସିକ,ଶାରିରୀକ, ବୌଦ୍ଧିକ ବିକାଶ ପାଇଁ ମା'ର କ୍ଷୀର ଅପରିହାର୍ଯ୍ୟ ଅଟେ । ନବଜାତକ ଶିଶୁ ଜନ୍ମନେବାର ଅଧଘଣ୍ଟା ମଧ୍ୟରେ ମା'କ୍ଷୀର ପାନ କରାଇବା ଜରୁରୀ । ଅଧିକ ଅବଧି ପର୍ଯ୍ୟନ୍ତ ମା'କ୍ଷୀର ପାନ କରୁଥିବା ଶିଶୁ ସୁସ୍ଥ ଭାବେ ବଢ଼ିବା ସହ ସେମାନଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ ବୋଲି ଆୟୋଜିତ ଶିବିରରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ଏହାଛଡା ଫାଇଲେରିଆ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଖରେ ଉପଲବ୍ଧ ହେଉଥିବା ମାଗଣା ଔଷଧ ସେବନର ପ୍ରଣାଳୀ, ରୋଗରୁ ଦୂରେଇ ରହିବା ପାଇଁ କି ପ୍ରକାର ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ହେବ ସେ ଦିଗରେ ସୂଚନା ପ୍ରଦାନ କରାଯାଇଥିଲା ।

ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ରସୁଲପୁର ବ୍ଲକ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରିଣୀ ସଂଯୁକ୍ତା ଘଡାଇ, ସମ୍ମାନିତ ଅତିଥି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବସନ୍ତ କୁମାର ପଣ୍ଡା, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସରିତା ଜେନା, ବଡ଼ରମ୍ପେଇ ଉପ–ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ରଞ୍ଜିତା ଦାସ, ମହିଳା ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ସତ୍ୟଭାମା ବେହେରା, ସଂଯୁକ୍ତା ଶତପଥୀ ପ୍ରମୁଖ ସମ୍ବଳ ଅଧିକାରିଣୀ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ସଚେତନ କରାଇଥିଲେ। ଶିବିର ପ୍ରାରମ୍ଭରେ ଆଶା ଦିଦି ମମତା ମହାନ୍ତି, ବାସନ୍ତୀ ଦାସ ଶିଶୁମାନଙ୍କ ପାଇଁ ମା' କ୍ଷୀରର ଗୁରୁତ୍ୱକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ । ଏମ୍‌ବିକେ ସସ୍ମିତା ଆଏଚ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଶିବିରରେ ପ୍ରସୂତୀ ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମିଶନଶକ୍ତି ପକ୍ଷରୁ ସିଆରପି, ଗ୍ରାମପଞ୍ଚାୟତ ଫେଡେରେଶନର ସଭାନେତ୍ରୀ, ସମ୍ପାଦିକା ପ୍ରମୁଖ ଯୋଗଦେଇ ଥିଲେ । ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସରପଞ୍ଚ ରାଉତଙ୍କ ନେତୃତ୍ୱରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା।


ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

# ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

### ସ୍ୱାସ୍ଥ୍ୟକେନ୍ଦ୍ରରୁ ମୁହଁ ଫେରାଉଛନ୍ତି ଗର୍ଭବତୀ ମହିଳା

ରସୁଲପୁର,୫।୮ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ଡାକ୍ତରଖାନା କୁହାଯାଉଥିବା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ରୋଗୀମାନଙ୍କ ପାଇଁ ଅପହଞ୍ଚ ହୋଇଛି । ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତ ଥାଇ ମଧ୍ୟ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ । କେତେଜଣ ଡାକ୍ତରଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ଡାକ୍ତରଖାନାରେ ଅଚଳାବସ୍ଥା ଲାଗି ରହିଛି । ଏଭଳି ପରିସ୍ଥିତିରେ ଗର୍ଭବତୀ ଓ ସେମାନଙ୍କ ସମ୍ପର୍କୀୟମାନେ ଡାକ୍ତରଖାନା ଉପରୁ ମୁହଁ ଫେରାଇ ନେଉଛନ୍ତି । ଫଳରେ ବ୍ଲକ୍‌ର ରୋଗୀମାନେ ଦୂରଦୂରାନ୍ତରେ ଥିବା ସରକାରୀ ଓ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି ବୋଲି ଦର୍ଶାଇ ମଧୁବନର ଜନସାଧାରଣ ଯାଜପୁର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଯଥାଶୀଘ୍ର ଉକ୍ତ ଡାକ୍ତରଖାନାରେ ଗର୍ଭବତୀଙ୍କ ପ୍ରସବ କରାଇବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଗୁରୁତ୍ୱାରୋପ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ମଧୁବନ ଡାକ୍ତରଖାନରେ ଡାକ୍ତରମାନେ ପାଳିକରି ଡିୟୁଟି କରୁଛନ୍ତି । କାର୍ଯ୍ୟରତ ଷ୍ଟାଫ୍‌ନର୍ସମାନେ ନିୟମିତ ଡିୟୁଟି କରୁନାହାଁନ୍ତି । ଦୀର୍ଘବର୍ଷ ଧରି ନର୍ସମାନେ ଡାକ୍ତରଖାନାରେ କାମ କରିଆସୁଛନ୍ତି । ସେମାନଙ୍କ ପାଇଁ ବଦଳି ନିୟମ ଲାଗୁ ହେଉ ନ ଥିବାରୁ ସେମାନେ କାର୍ଯ୍ୟ ସମ୍ପାଦନ ଦିଗରେ ମନମୁଖି ଆଚରଣ କରୁଛନ୍ତି । ନୂତନ ଭାବେ ଆସୁଥିବା ଡାକ୍ତରଙ୍କୁ ଭୁଆଁ ବୁଲାଇ ସେମାନେ ଡିୟୁଟିରେ ଖିଲାପ କରୁଛନ୍ତି । ଏହାଦ୍ୱାରା ସିଧାସଳଖ ରୋଗୀମାନେ ପ୍ରଭାବିତ ହେଉଛନ୍ତି । ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ଗର୍ଭବତୀମାନେ ବିଭାଗୀୟ ଡାକ୍ତର ଓ ନର୍ସମାନଙ୍କ ପରାମର୍ଶ ନେଇ ପାରୁନାହାଁନ୍ତି । ରାତି ଅଧିଆ ପ୍ରସବକାଳୀନ ଯନ୍ତ୍ରଣା ପରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ ବାହାର ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦିଆଯାଉଛି । ଏପରି ଅଧିକାଂଶ ରୋଗୀଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇ ଦିଆଯାଉଛି । ଉକ୍ତ ଡାକ୍ତରଖାନା ପାଇଁ ଏହା ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି । ଉକ୍ତ ଡାକ୍ତରଖାନରେ ଗର୍ଭବତୀଙ୍କୁ ପ୍ରସବ କରାଇବାର ସମସ୍ତ ଭିତ୍ତିଭୂମୀ ରହିଛି । ଲେବର ରୁମ୍‌ରେ ସର୍ବଦା ତାଲା ଝୁଲୁଥିବାରୁ ପ୍ରସବ ସେବା ମିଳିପାରୁ ନାହିଁ । ଏ ସବୁ ଜାଣିବା ପରେ ରୋଗୀଙ୍କ ସମ୍ପର୍କୀୟମାନେ ଅନ୍ୟତ୍ର ଚିକିତ୍ସା କରାଇବାକୁ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଡାକ୍ତରଖାନରୁ ସ୍ୱାସ୍ଥ୍ୟସେବା ଜନିତ ଅବ୍ୟବସ୍ଥା ଦୂର କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାପରେ ବି ଡାକ୍ତରଖାନାର ପରିଚାଳନାଗତ ତ୍ରୁଟିରେ ପରିବର୍ତ୍ତନ ନ ଘଟିଲେ ଉକ୍ତ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏହାଛଡା ଡାକ୍ତରଖାନାରେ ଜଣେ ସ୍ଥାୟୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାକୁ ଦାବି କରାଯାଇଛି ।



# ଚିରିଗଲା ପରେ ନୂଆ ଲାଗିନି ଜାତୀୟ ପତାକା

ଜଗତ୍‌ସିଂହପୁର, ୫।୮ (ପ୍ରମୋଦ କୁମାର ନାୟକ)

୨୦୨୨ ମସିହା ଅଗଷ୍ଟ ୧୫ ତାରିଖରେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ପୃଥକ ଭାବେ ୨ଟି ଭାରତୀୟ ଜାତୀୟ ପତାକା (ଇଣ୍ଡିଆନ ନ୍ୟାଶନାଲ ଫ୍ଲାଗ ମସ୍ତ) ଉଦ୍‌ଘାଟିତ ହୋଇଥିଲା। ଏହା ପ୍ରତିଷ୍ଠା ପାଇଁ ପାଖାପାଖି ୩୦ ଲକ୍ଷ ହିସାବରେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରତ୍ୟେକଙ୍କୁ ଜାତୀୟତା ଆଡକୁ ଆକର୍ଷିତ କରିବା ଓ ଏକତା ଭାବ ବୃଦ୍ଧି ଏହାର ଉଦ୍ଦେଶ୍ୟ ଥିଲା। ଆରମ୍ଭରୁ ଏହି ୨ଟି ପତାକା 'ମସ୍ତ' ଉଡିଲା ବେଳେ ଅନେକଙ୍କୁ ଆକର୍ଷିତ କରୁଥିଲା। ବିଶେଷକରି ରାତିରେ ସୁସଜ୍ଜିତ ଆଲୋକରେ ଏହା ଅଧିକ ଆକର୍ଷଣୀୟ ଦିଶୁଥିଲା। କିନ୍ତୁ ଦୁଃଖର କଥା ହେଲା ଏହି ପତାକା ଦୁଇଟିରି ଯାଇଥିଲେ ସୁଦ୍ଧା ମାସାଧିକ କାଳ ହେବ ନୂଆ ଲାଗିପାରୁନି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଖୁବଶୀଘ୍ର ଅର୍ଥାତ୍ ଅଗଷ୍ଟ ୧୫ ପୂର୍ବରୁ ନୂଆ ପତାକା ଲାଗିଯିବ ବୋଲି ଜିଲାପାଳ ଦାୟିତ୍ୱରେ






ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଲାଗିଥିବା ଜାତୀୟ ପତାକା କାଢ଼ି ଦିଆଯାଇଛି।

ଥିବା ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ,୨୦୨୨ରେ ତତ୍କାଳୀନ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏହି ପତାକା ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତତ୍କାଳୀନ ଜିଲାପାଳ ପାରୁଲ ପଟାୱରୀ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ, ୧୬ ନଂ. କାଉନସିଲର ଅନାମ ଚରଣ ସେଠୀ ଓ ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଉପସ୍ଥିତ ଥିଲେ। ୨୦୨୪ ସାଧାରଣ ନିର୍ବାଚନ ସମୟରେ ୨ଟି ପତାକା ଚିରିଯାଇଥିଲା। ତା'ପରେ ପତାକା ଦୁଇଟିକୁ କାଢି ଦିଆଯାଇଥିଲା। ଏହାପରେ ତତ୍କାଳ ନୂଆ ପତାକା ଲଗାଯିବା କଥା। କିନ୍ତୁ ସେଭଳି ହୋଇ ନ ଥିଲା। କାରଣ ଜାତୀୟ

**ଜିଲାପାଳଙ୍କ କାର୍ଯ୍ୟାଳୟ ଓ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ**
- ୬୦ ଲକ୍ଷ ଖର୍ଚ୍ଚରେ ତିଆରି ହୋଇଥିଲା
- ୨୦୨୨ ଅଗଷ୍ଟ ୧୫ରେ ଉଦ୍‌ଘାଟିତ ହୋଇଥିଲା

ପତାକା ଦାୟିତ୍ୱ ନେଇଥିବା ସଂସ୍ଥାର ଚୁକ୍ତି ସମୟ ସରିଯାଇଥିବାରୁ ଉକ୍ତ ସଂସ୍ଥା ନୂଆ ଯୋଗାଇବାକୁ ରାଜି ହୋଇ ନ ଥିଲା। ନିର୍ବାଚନ ସମୟ ହୋଇଥିବାରୁ ଜଗତ୍‌ସିଂହପୁର ପୌର ପ୍ରଶାସନ କିଛି ନିଷ୍ପତ୍ତି ନେଇପାରି ନ ଥିଲା। ତା ପରେ ପୌର ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କ ବଦଳି ଯୋଗୁ ନୂଆ ଟେଣ୍ଡର ହେବାରେ ବାଧା ଉପୁଜିଥିବା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ କୁହାଯାଇଛି। ତଥାପି ଏବେ କୋଟେଶନ୍ କଲ୍ କରାଯାଇଛି। ଆସନ୍ତା ୧୨ ତାରିଖ ଭିତରେ ନୂଆ ପତାକା ଲଗାଯିବା ପାଇଁ ଯୋଜନା ରହିଥିବା କୁହାଯାଇଛି।

## ମଦ୍ୟପାନକୁ ନେଇ ମାର୍‌ପିଟ ଘଟଣା: ଆହତ ଯୁବକଙ୍କ ମୃତ୍ୟୁ

ଏରସମା,୫।୮ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଏକ ମଦ ଦୋକାନ ନିକଟରେ ମଦ୍ୟପାନ କରି ମାର୍‌ପିଟ ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଏଥିରେ ଆହତ ଯୁବକଙ୍କ ସୋମବାର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତସାହିର ଭାଗ୍ୟଧର ବେହେରା (୪୫)। ଅପରାହ୍ଣରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବାପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗତ ୩୧ ତାରିଖରେ ସ୍ଥାନୀୟ ଏକ ମଦ ଦୋକାନ ନିକଟରେ ଦେଉଳି ଗ୍ରାମର ନିହାର ରଞ୍ଜନ ଦାସଙ୍କୁ ଭାଗ୍ୟଧର ମଦ ମାଗିଥିଲେ। ସେ ମଦ ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥଲା। ଏହି ସମୟରେ ନୀହାର ଏକ ବୋତଲରେ ଭାଗ୍ୟଧରଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ଭାଗ୍ୟଧରଙ୍କୁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ତାଙ୍କ ସ୍ତ୍ରୀ ପଦ୍ମିନୀ ଥାନାରେ ଅଭିଯୋଗ କରିଥିଲେ। ଏବେ ଭାଗ୍ୟଧରଙ୍କ ମୃତ୍ୟୁ ପରେ ଥାନାରେ ମାମଲା (ନଂ. ୩୪୪/୨୪) ରୁଜୁ କରାଯାଇଛି। ଏଥିସହ ନୀହାରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ହାକାଥନ ପ୍ରତିଯୋଗିତା: ରୁଦ୍ରପ୍ରସାଦ ପ୍ରଥମ




ରୁଦ୍ରପ୍ରସାଦ ଶତପଥୀଙ୍କୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ସାହୁ ପୁରସ୍କୃତ କରୁଛନ୍ତି।

ରଘୁନାଥପୁର,୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ର ରୁଦ୍ରପ୍ରସାଦ ଶତପଥୀ ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଛନ୍ତି। ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କୁ ମାନପତ୍ର ପ୍ରଦାନ କରାଯିବା ସହ ପ୍ରୋତ୍ସାହନ ସ୍ୱରୂପ ୧୫ ହଜାର ଟଙ୍କା ଦିଆଯାଇଛି। ରୁଦ୍ରପ୍ରସାଦ ସୋମପୁର ନିବାସୀ ଅକ୍ଷୟାନନ୍ଦ ଶତପଥୀ ଓ ମାତା କନକଲତା ମହାପାତ୍ରଙ୍କ ପୁତ୍ର। କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ ତାଙ୍କ ମାର୍ଗଦର୍ଶକ ଥିଲେ। ଏହି ସଫଳତା ପାଇଁ ରୁଦ୍ରପ୍ରସାଦଙ୍କୁ କଲେଜର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସହ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ରଘୁନାଥପୁର,୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଦଳେଇଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ସୋମବାର ଛାତ୍ରୀଛାତ୍ରମାନେ ସ୍କୁଲ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବା ସହ ଧାରଣା ଦେଇଛନ୍ତି। ପିଲାଙ୍କ ଅଭିଭାବକ ଓ ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଏହାକୁ ସମର୍ଥନ ଜଣାଇଛନ୍ତି। ସନ୍ତୋଷ ସାରଙ୍କ ଉପରୁ ନିଲମ୍ବନ ନ ଉଠିବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ ନାହିଁ ବୋଲି ଅଡି ବସିଥିଲେ। ଆଇଆଇସି ସୁଶାନ୍ତ କୁମାର ସେଠୀ ଓ ଅତିରିକ୍ତ ଆଇଆଇସି ରଶ୍ମିବାଳା ସେଠୀ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଇଓ କିମ୍ବା ଜିଲା ଶିକ୍ଷାଧିକାରୀ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପିଲାମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦଆଚରଣ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ମା' ଏନେଇ ବିଇଓଙ୍କ ନିକଟରେ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଥାନାରେ ମାମଲା (ନଂ.୧୮୫/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ଏନେଇ ବିଇଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ସହ ଶିକ୍ଷକ ସନ୍ତୋଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ।

ଏହି ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷକଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ରାଉତ କହିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ପଣ୍ଡାଙ୍କ କହିବାନୁସାରେ, ସନ୍ତୋଷ ସାର୍ ଗତ ଜୁଲାଇ ୧୯ରେ ଶ୍ରେଣୀରେ ପାଠ ପଢ଼ାଉଥିବା ସମୟରେ ପୀଡ଼ିତାଙ୍କ ଦେହରେ ଗୋଡ ବାଜିଥିଲା ବୋଲି ଛାତ୍ରୀଙ୍କ ମା' ଜୁଲାଇ ୨୧ରେ ତାଙ୍କୁ ମୌଖିକ ଭାବେ ପଚାରିଥିଲେ। ଏହାପରେ ଅଭିଯୋଗକାରିଣୀ ଜୁଲାଇ ୨୪ରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୫ ଦିନ ପରେ କାହିଁକି ଥାନାରେ ଅଭିଯୋଗ କରାଗଲା ବୋଲି ଗ୍ରାମର କେତେଜଣ ଲୋକ ପ୍ରଶ୍ନ କରିବା ସହ ଠିକ୍ ଭାବେ ତଦନ୍ତ ପାଇଁ ଦାବି କରିଛନ୍ତି। ପୂର୍ବରୁ ଏହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ନିଲମ୍ବନକୁ ନେଇ ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା ବୋଲି ଗ୍ରାମବାସୀ କହିଛନ୍ତି।

**ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା।

## ବିଶ୍ୱକର୍ମା ପୂଜା ମହୋତ୍ସବ ପାଇଁ ଭୂମି ପୂଜନ

ପାରାଦୀପ,୫।୮ (ଶରତ ରାଉତ)

ପାରାଦୀପର ଅନ୍ୟତମ ଗଣପର୍ବ ବିଶ୍ୱକର୍ମା ପୂଜା ମହୋତ୍ସବ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। ଏଥିପାଇଁ ସୋମବାର ଏକାଧିକ ସଙ୍ଗଠନ ପୂଜା ମଣ୍ଡପ ଓ ତୋରଣ ପାଇଁ ଭୂମି ପୂଜନ କରିଛନ୍ତି। ଆଉ କେତୋଟି ସଙ୍ଗଠନ ପକ୍ଷରୁ ସେମାନଙ୍କ ତୋରଣ ଅଞ୍ଚଳକୁ ସଫା କରାଯାଇଛି। ଦେଢମାସ ଆଗରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥିବାରୁ ଚଳିତ ବର୍ଷ ଆକର୍ଷଣୀୟ ମଣ୍ଡପ ହେବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ,୧୯୬୬ରୁ ଏହି ପୂଜା ମହୋତ୍ସବ ହେଉଥିଲା। ଏକାଧିକ ଟ୍ରକ ମାଲିକ ସଂଘ, ଡମ୍ପର ସଂଘ, ମାଛଧରା ବନ୍ଦର ବୋଟ୍ ମାଲିକ ସଂଘ, ଗ୍ୟାରେଜ ସଂଘ, ୟୁନିୟନ ଆଦି ବଡ଼ ମଣ୍ଡପ କରିଥାନ୍ତି। ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ୩ ବର୍ଷ କୋଭିଡ୍ ଯୋଗୁ ବନ୍ଦ ଥିଲା। ଗତବର୍ଷ ଯଦିଓ ଏହି ପୂଜା ହୋଇଥିଲା ବଡ଼ ଆୟୋଜକମାନେ ମଣ୍ଡପ କରି ନ ଥିଲେ। ଯେଉଁ ଆୟୋଜକମାନେ ଗତବର୍ଷ ପୂଜା ମଣ୍ଡପ କରି ନ ଥିଲେ ସେମାନେ ଆଗୁଆ ମଣ୍ଡପ ନିର୍ମାଣ ଆରମ୍ଭ କଲେଣି।



## କବିତା ସଂକଳନ 'ମୋ ବୋଉ ଓ ଗାଁ' ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୫।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇର ଶ୍ରୀରାମ ମନ୍ଦିର ପରିସରରେ ବିଶିଷ୍ଟ କବି ପରିବେଶବିତ୍ ତଥା ଚିକିତ୍ସକ ଡା. ମନୋରଞ୍ଜନ ଦାଶଙ୍କ ନବମ କବିତା ସଂକଳନ 'ମୋ ବୋଉ ଓ ଗାଁ' ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଥାକାର ତଥା ପ୍ରାବନ୍ଧିକ ଅଧ୍ୟାପକ ଡ. ନୀଳମଣି ଲେଙ୍କା, ମୁଖ୍ୟବକ୍ତା ଭାବେ ସଂଗୀତଜ୍ଞ ଗୁରୁ ରବୀନ୍ଦ୍ରନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ପ୍ରେମାନନ୍ଦ ମିଶ୍ର ଓ ସାମାଜିକ କର୍ମୀ ଦିଗମ୍ବର ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଭାବ, ଭାଷାର ସରଳ ଓ ଆବେଗୀୟ ଧାରାର ଏଇ କବିତା ସଂକଳନଟି ନିଶ୍ଚୟ ପାଠକମାନଙ୍କ ହୃଦୟକୁ ଛୁଇଁବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କବି ଡା. ଦାଶଙ୍କର ପୂର୍ବରୁ ୮ଟି କବିତା ସଂକଳନ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ଏହି ଉତ୍ସବରେ ବହୁ କବି, କବୟିତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶେଷରେ ଶ୍ୟାମଚରଣ ସେଠୀ ଧନ୍ୟବାଦ ଦେଇଥିଲେ।

## ଯୁଗ୍ମ ଜନଶୁଣାଣି ଶିବିରରେ ୧୯୭ ଅଭିଯୋଗ



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଚନ୍ତି।

କୁଜଙ୍ଗ,୫।୮ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର କୁଜଙ୍ଗ ବ୍ଲକ ସୂଚନା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୧୯୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୧୮୪ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ୧୧, ଆବାସ ଯୋଜନା ୪୭, ଜମିଜମା ସମସ୍ୟା ୯୪ , ଭତ୍ତା ୫, ପୋଲିସ ସହାୟତା ନିମନ୍ତେ ୩ ଏବଂ ଅନ୍ୟାନ୍ୟ ୧୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରାହୁଲ ପି. ଆର, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, ପୁଷ୍ପଶ୍ରୀ ସାଣ୍ଡିଲ, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ପାରାଦୀପ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାରେ ଜିଲାପାଳ ପଦବୀ ଖାଲିଥିବାବେଳେ ପ୍ରଚାର ପ୍ରସାର ଅଭାବ ଯୋଗୁ ଜାଣି ନ ପାରି ଜନଶୁଣାଣି ଶିବିରରେ ଗହଳି ପରିଲକ୍ଷିତ ହୋଇ ନ ଥିଲା ।

## ପୁରାତନ ଛାତ୍ରୀଛାତ୍ର ସାମିଲ ହେବାକୁ ଆହ୍ୱାନ

ପାରାଦୀପ,୫।୮ (ଶରତ ରାଉତ)

ପାରାଦୀପର ଏକମାତ୍ର କଲେଜ ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏଥିପାଇଁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏନେଇ ଅଗଷ୍ଟ ୧୧ରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ପାରାଦୀପ କଲେଜରେ ପହଞ୍ଚିବାକୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ ସୋମବାର କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀ, ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକମାନେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଏଥିସହ ଅଗଷ୍ଟ ୧୨ରେ କଲେଜ ତାର ବାର୍ଷିକ ଉତ୍ସବ ପାଳନ କରିବ। ଏଥିରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଜନପ୍ରତିନିଧି ପାରାଦୀପ କଲେଜର ପୂର୍ବତନ ଛାତ୍ର ଥିଲେ। ସବୁ ପୁରାତନ ଛାତ୍ରୀଛାତ୍ର ଏକାଠି ହେବା ପରେ ସଙ୍ଗଠନ କରାଯିବ। ଏହି ସଙ୍ଗଠନ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଖସଡ଼ା ପ୍ରସ୍ତୁତ କରିବ ବୋଲି କୁହାଯାଇଛି।

**ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି**

## ଶିଶୁ ବିଦ୍ୟାମନ୍ଦିରର ୯ ଛାତ୍ରୀଛାତ୍ରଙ୍କୁ ଅଲିମ୍ପିଆଡ୍ ପଦକ




ଅତିଥିଙ୍କ ଗହଣରେ ଅଲିମ୍ପିଆଡ୍ ଜିତିଥିବା ଛାତ୍ରୀଛାତ୍ରମାନେ।

ପାରାଦୀପ,୫।୮ (ଶରତ ରାଉତ)

ପାରାଦୀପ ବାଲିଝରା ଠାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିରର ୯ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ବିଜ୍ଞାନ ଅଲିମ୍ପିଆଡ୍‌ରେ ପଦକ ଜିତିଛନ୍ତି। ଏଥିରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨କାଂସ୍ୟ ପଦକ ରହିଛି। ଉକ୍ତ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରଠାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପଦକ ଦେଇଥିଲେ। ସେଠାରେ ଅନ୍ୟତମ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ଛାତ୍ରୀଛାତ୍ର ହେଲେ ସାଇଶାଶ୍ୱତା ସାହାଣୀ, ସୋହମ ପ୍ରସାଦ ଜୟସିଂ, ସୁଶ୍ରୀ ସଂଗୀତା ବେହେରା, ବ୍ରହ୍ମାନନ୍ଦ ରାଉତ, ଜଗଦୀଶ ନନ୍ଦ। ରୌପ୍ୟ ପଦକ ସୁଲଗ୍ନା ମାହନ୍ତ ଓ ଦେବସ୍ମିତା ନାୟକ, କାଂସ୍ୟ ପଦକ ରେୟାନ୍ସ କୁମାର ସାହୁ ଓ ସୋନାଲି ମାରାଣ୍ଡି ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପରେ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

## ଶିଶୁ ବେସାହାରା ପାଇଁ ଅବାଞ୍ଛିତ ମାତୃତ୍ୱ ଦାୟୀ

ପାରାଦୀପ,୫।୮ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଭଳି ଶିଳ୍ପାଞ୍ଚଳରେ ମାସକ ମଧ୍ୟରେ ୪ ଜଣ ନବଜାତ ଶିଶୁ ଉଦ୍ଧାର କରାଯାଇଛି। ସମସ୍ତ ଶିଶୁଙ୍କୁ ଜିଲା ଚାଇଲ୍ଡ ଲାଇନ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଏହାବାଦ୍ ଆଉ ଦୁଇ ଶିଶୁ ମଧ୍ୟ ସେହିଭଳି ବେସାହାରା ହେବାକୁ ଯାଉଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ କରିବା ଏବଂ ପ୍ରଶାସନିକ ତତ୍ପରତା ଯୋଗୁ ଜଣେ ମା' କୋଳକୁ ଓ ଅନ୍ୟ ଜଣେ ଜେଜେ ମା'ପାଖରେ ରହିଛି।

ଗତ ଜୁଲାଇ ୪ରେ ଜଣେ ମା' ଶିଶୁପୁତ୍ର ଜନ୍ମ ଦେବାପରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର ଦମ୍ପତିଙ୍କୁ ବିକ୍ରି କରି ଦେଇଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ଓ ସିଡବ୍ଲୁସି ତଦନ୍ତ କରି ବିକ୍ରି ପିଲାକୁ ଉଦ୍ଧାର କରିଥିଲେ। ପରେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ମା' ଓ ନବଜାତ ଶିଶୁ ଏବେ ପାରାଦୀପରେ ରହୁଥିବା ଜାଗାରେ ନାହାନ୍ତି। କେଉଁଠି ଅଛନ୍ତି ତା'ର ଠିକଣା ମଧ୍ୟ ପ୍ରଶାସନ ପାଖରେ ନାହିଁ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୌଣସି ଏକ ଅପରାଧରେ ବିଚାରାଧୀନ ବନ୍ଦୀଭାବେ ଜେଲରେ ଅଛନ୍ତି। ଅନ୍ୟ ଏକ ଘଟଣା ଗତ ଜୁନ୍ ୨୯ରେ ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଘଟିଛି। ଜଣେ ୧୬ ବର୍ଷୀୟା ନାବାଳିକା ମା' ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ସେ ରହୁଥିବା ବସ୍ତିର ଆଶାକର୍ମୀଠାରୁ ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତ ବଙ୍ଗୀୟ ନାବାଳିକା କିଛି ଦିନ ତଳେ ଆସି ରହିଥିଲେ। ପ୍ରେମରେ ଯେଉଁ ଯୁବକ ଆଣି ବସ୍ତିରେ ଛାଡ଼ି ଯାଇଥିଲେ ତାଙ୍କର କୌଣସି ସୂଚନା ନାହିଁ। ନାବାଳିକା ମା'ଙ୍କ ସୂଚନା ସରକାରୀ ରେକର୍ଡରେ ଲିପିବଦ୍ଧ ହୋଇ ପାରୁନାହିଁ। କିମ୍ବା ବ୍ୟାଙ୍କ ଖାତାରେ ନାହିଁ। ସମ୍ପୃକ୍ତ ନାବାଳିକା ମା' ପିଲାକୁ ରଖିବେ ନାହିଁ ବୋଲି ବିଜୁ ମେମୋରିଆଲ ହସ୍ପିଟାଲରେ ଜିଦ୍ ଧରିଥିଲେ। ଏହାପରେ ସମ୍ପୃକ୍ତ ଆଶାକର୍ମୀ ମା' ଓ ପିଲାର ସମସ୍ତ ସେବା ଯୋଗାଇଥିଲେ ହେଁ ଏପର୍ଯ୍ୟନ୍ତ ସରକାରୀ ପ୍ରାପ୍ୟ ପାଇନାହାନ୍ତି ବୋଲି ଆଶାକର୍ମୀ କହିଛନ୍ତି। ଜୁଲାଇ୨୩ ତାରିଖରେ ଜଣେ ଅନୁସୂଚିତ ଜନଜାତି ମହିଳା (ସାମାନ୍ୟ ମାନସିକ ବିକାରଗ୍ରସ୍ତ) ୫ ମାସର ଗର୍ଭବତୀ ଥିବାବେଳେ ଏକ ପୁତ୍ର ସନ୍ତାନ ବସ୍ତିରେ ଜନ୍ମ ଦେଇଥିଲେ। ତାଙ୍କ ସ୍ୱାମୀ ଦୀର୍ଘଦିନ ହେବ ଜେଲରେ ଅଛନ୍ତି। ମାତ୍ର ୧ କିଲୋ ଓଜନର ନବଜାତ ଶିଶୁ ଓ ମା' ସ୍ୱାସ୍ଥ୍ୟ ଖରାପ ହେବାରୁ ସେଠାକାର ଆଶାକର୍ମୀ ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସାମାନ୍ୟ ସୁସ୍ଥ ହେବାପରେ ମା' ପିଲାକୁ ନେବେ ନାହିଁ ବୋଲି ଜିଦ୍ କରିଥିଲେ। ଉଭୟ ମା' ଓ ପିଲାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନେ ଏପର୍ଯ୍ୟନ୍ତ ଅଛନ୍ତି। ସେମାନଙ୍କ ଦେଖାଶୁଣା କରିବା ପାଇଁ କେହି ନାହାନ୍ତି। ପିଲାକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଜୁଲାଇ ୨୭ରେ ଷଣ୍ଢକୁଦ ଉପାନ୍ତ ବେଳାଭୂମି ରାସ୍ତା କଡରେ ଏକ ସଦ୍ୟ ନବଜାତ ଶିଶୁକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏହାପୂର୍ବରୁ ମାର୍ଚ୍ଚ ୧୦ ତାରିଖରେ ଅଠରବାଙ୍କି ବାଲିପ୍ଲଟ ପାଖରେ ମଧ୍ୟ ଏମିତି ଏକ ଘଟଣା ଘଟିଥିଲା। ସେହିପରି ଅନ୍ୟ ଏକ ଘଟଣାରେ ବର୍ଷେ ପୂର୍ବେ ମା'ବାପା ଅଲଗା ହୋଇ ବିବାହ କରିଯିବାରୁ ତାଙ୍କ ସନ୍ତାନ ବେସାହାରା ହୋଇଯାଇଛି। ଉକ୍ତ ପିଲାଟି ଏବେ ଆଈମା' ପାଖରେ ରହୁଛି। ସେ ବୃଦ୍ଧା ହୋଇ ଥିବାରୁ ଖାଦ୍ୟ ପୋଷାକ ଦେଇପାରୁ ନାହାନ୍ତି। ସେ ମଧ୍ୟ ଚାଇଲ୍ଡ ଲାଇନକୁ ପିଲା ଦେବା ପାଇଁ ହସ୍ପିଟାଲରେ ଡାକ୍ତରଙ୍କୁ ଏକାଧିକ ଥର ଅନୁରୋଧ କଲେଣି।

ଏ ସମ୍ପର୍କରେ ଆୟୁଷ ଡାକ୍ତର ଏମ୍ ଆସିଫ କୁହନ୍ତି, ଏହାଦ୍ୱାରା ଅନେକ ସମସ୍ୟା ହେଉଛି। ନବଜାତ ଶିଶୁମାନଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିବା ପାଇଁ କହିଲେ ସେମାନେ ଆସୁଛନ୍ତି। ନ ହେଲେ ଧରା ଦେଉନାହାନ୍ତି। ଏ ସମ୍ପର୍କରେ ପାରାଦୀପ ଆଶାକର୍ମୀ ସଂଘ ସଭାପତି ଅନ୍ନପୂର୍ଣ୍ଣା ଦାସ କୁହନ୍ତି, ପାରାଦୀପରେ ମାସକ ମଧ୍ୟରେ ଏଭଳି ଅନେକ ଘଟଣା ଘଟିଲାଣି,ଏସବୁ ପାଇଁ ଅବାଞ୍ଛିତ ମାତୃତ୍ୱ ଦାୟୀ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ କୁହନ୍ତି, ଏପରି ଶିଶୁଙ୍କୁ ସରକାର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ଥଇଥାନ କରିବାର ବ୍ୟବସ୍ଥା ଅଛି। କିନ୍ତୁ ଅନ୍‌ଲାଇନ ରେକର୍ଡରେ କେତେକ ସର୍ତ୍ତ ଯଥା ମାଆ-ବାପା କିମ୍ବା ତାଙ୍କ ପରିବାରର କୌଣସି ସମ୍ପର୍କୀୟଙ୍କ ନାମ ଆଦି ଲେଖିବାକୁ ପଡିବ। ସେତେବେଳେ ଅନେକ ଅସୁବିଧା ହେଉଛି। ଏମିତି ଅବାଞ୍ଛିତ ମାତୃତ୍ୱ ରୋକିବା ପାଇଁ ସମ୍ପୃକ୍ତ ମା'ମାନଙ୍କୁ ଚିହ୍ନଟ କରି ପରିବାର ନିୟନ୍ତ୍ରଣ ବ୍ୟବସ୍ଥା କରିବା ପାଇଁ ଆଶାକର୍ମୀମାନଙ୍କ ବୈଠକରେ ଆଲୋଚନା ହୋଇଛି।

**ମାସକରେ ୪ ଶିଶୁ ଉଦ୍ଧାର ହେଲେଣି**

## ସଂକ୍ଷେପରେ

### ଟ୍ରଲର ପଛରେ ପିଟିହେଲା ବାଇକ୍, ଜଣେ ମୃତ

ଛତିଆ,୫।୮(ସୌମ୍ୟ ରଞ୍ଜନ ସାହୁ ): ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଛତିଆ ଇଷ୍ଟର୍ନ ରାଇସ ମିଲ ନିକଟରେ ସୋମବାର ଅପରାହ୍ଣରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଟ୍ରଲର(ନଂ.ଏଚଆର ୪୬. ଡି. ୮୬୬୫)ପଛରେ ଏକ ବାଇକ୍ ପିଟି ହୋଇଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇଛନ୍ତି । ଉଭୟ ଯୁବକଙ୍କ ପରିଚୟ ମିଳିନାହିଁ । ଏ ସମ୍ପର୍କରେ ଖବର ପାଇ ଛତିଆ ବିଟ୍ ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ ପହଞ୍ଚି ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ ପଠାଇଥିଲେ । ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

### ଲଜ୍‌ରେ ଭୁବନେଶ୍ୱର ପୋଲିସର ଚଢ଼ାଉ,ଜଣେ ଗିରଫ

ଛତିଆ,୫।୮(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଗୋପପୁର ଛକରେ ଥିବା ପି.ପି.ମଣ୍ଡପ ଲଜ୍‌ରୁ ରବିବାର ବିଳମ୍ବିତ ରାତିରେ ଜଣେ କୁଖ୍ୟାତ ଅପରାଧୀଙ୍କୁ ଭୁବନେଶ୍ୱର କମିଶନରେଟ ପୋଲିସ ଗିରଫ କରିଛି । ସେ ହେଲେ ନିତେଶ ଚୌଧୁରୀ । ଏହି ଲଜ୍‌ରେ ସେ ଦୀର୍ଘଦିନ ହେଲା ଲୁଚି ରହିଥିଲେ । ଭୁବନେଶ୍ୱର ଭରତପୁର ଥାନା ପୋଲିସ ତାଙ୍କୁ ରାତି ଅଧରେ ଉଠେଇ ନେଇଛି। ନିତେଶ ଗିରଫ ପରେ ଏହି ଲଜ୍‌ରେ ଜଣେ ଅପରାଧୀ କେମିତି ଏତେ ଦିନ ରହି ଆସୁଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଲଜ୍ କର୍ମଚାରୀମାନେ ମୁହଁ ଖୋଲୁ ନାହାନ୍ତି । ଏହି ଲଜ୍‌ରେ ଅଧିକାଂଶ ସମୟରେ ବିବାହ, ଜନ୍ମଦିନ ଓ ବ୍ରତଘର ଆଦି ଅନୁଷ୍ଠିତ ହୋଇଥାଏ । ସେଠାରେ ରହିଥିବା କୋଠରୀରେ ରାଜ୍ୟ ଓ ରାଜ୍ୟ ବାହାରର ଲୋକମାନେ ଭଡ଼ା ସୂତ୍ରରେ ରହିଆଆନ୍ତି । ପୋଲିସ ଚଢ଼ାଉ ଓ ଜଣେ ଅପରାଧୀ ଉକ୍ତ ଲଜ୍‌ରୁ ଗିରଫ ପରେ ଏହି ଲଜ୍‌କୁ ନେଇ ବିବାଦ ଆରମ୍ଭ ହୋଇଛି ।

### ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ

ପାଣିକୋଇଲି,୫।୮(ବିକାଶ କୁମାର ମଲିକ): ଦୀର୍ଘ ବର୍ଷ ଧରି ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇ ପାରୁ ନ ଥିଲା । ଫଳରେ ବିଦ୍ୟାଳୟ ବିକାଶ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଥିଲା । ବାରମ୍ବାର ଅଭିଯୋଗ କଲେ ବି ଅଭିଭାବକଙ୍କ ଅନୁପସ୍ଥିତି ଓ ଉତ୍ସାହ ନ ଥିବାରୁ କମିଟି ଗଠନରେ ବାଧା ସୃଷ୍ଟି କରୁଥିଲା । ହେଲେ ସୋମବାର ନୂତନ ପରିଚାଳନା କମିଟି ଗଠନ ହୋଇଛି । ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ସଭାପତି ପଦ ପାଇଁ ପ୍ରେମେଶ ମହାକୁଡ, ସରୋଜ ସାହୁ, ହେମନ୍ତ ପଣ୍ଡା ଓ ଅଜୟ ଧଳ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ପ୍ରେମେଶ ମହାକୁଡ ସବାଧିକ ୬ଟି ଭୋଟ ପାଇ ବିଜୟୀ ହୋଇଛନ୍ତି । ଉପସଭାପତି ପାଇଁ ୨ଜଣ ସାଗରିକା ଗିରି ଓ ବନିତା ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବବିତା ଦାସ ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ନୂତନ ସଭାପତି, ଉପସଭାପତି ଓ ସମସ୍ତ ସଦସ୍ୟଙ୍କୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି ।

# କେନାଲ ବନ୍ଧ ରାସ୍ତା ଖାଲରେ ଭର୍ତ୍ତି

ଧର୍ମଶାଳା,୫।୮(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାରୁ-ବ୍ରାହ୍ମଣଦାସ୍ଥିତ ହାଇଲେବୁଲ କେନାଲ ରାସ୍ତାକୁ ସଂଯୋଗ କରୁଥିବା ଦୀର୍ଘ ୩ କିଲୋମିଟର ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ଏହି ରାସ୍ତାରେ ଦୀର୍ଘ ବର୍ଷ ହେଲା ଖାଲ ସୃଷ୍ଟି ହୋଇ ଯାତାୟତ ବାଧାପ୍ରାପ୍ତ ହେଉଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ଖଣ୍ଡ ଗାଁର ଲୋକମାନେ ଯାତାୟାତରେ ନାନା ଅସୁବିଧା ଭୋଗୁଛନ୍ତି। ୧୪ନଂ.କେନାଲର ଜାରକା ପୁରୁଣା ସିନେମା ହଲ ନିକଟରୁ ପ୍ରାୟ ୩ କିମି ଲମ୍ବିଥିବା ଜାରକା ଆରଡି ଡିଭିଜନ ଅଧୀନରେ ରହିଥିବା ପିଚୁ ରାସ୍ତା ମରାମତି ଅଭାବରୁ ଏବେ ଶୋଚନୀୟ ହୋଇପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯାତାୟତରେ ବାଧା ଉପୁଜିଛି। ଏମିତି ଦୁର୍ଦ୍ଦଶା ମଧ୍ୟରେ ପ୍ରତ୍ୟହ ଜାଲସୁଖା, ଟିକରସାହି, ଶାଳୁଆ ପତରିଆ, ଭାତୃପଶି ଗ୍ରାମବାସୀଙ୍କ ସମେତ ନିକଟସ୍ଥ ବସ୍ତି ବାସିନ୍ଦା ଯାତାୟାତ କରୁଛନ୍ତି। ଏହି କେନାଲ ରାସ୍ତାର ସୁଦୃଢ଼ୀକରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେହି ଦୃଷ୍ଟି ଦେଉ



୧୪ ନଂ. କେନାଲ ରାସ୍ତାର ଦୁରବସ୍ଥା ।

ନ ଥିବା ଅଭିଯୋଗ ହୋଇଛି । ଜାରକା ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୭ବର୍ଷ ପୂର୍ବେ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହି କେନାଲ ରାସ୍ତାକୁ ସୁଦୃଢ଼ୀକରଣ କରାଯାଇଥିଲା। ରାସ୍ତା ନିର୍ମାଣ ପରେ ଏହି କେନାଲ ବନ୍ଧ ରାସ୍ତାରେ ପ୍ରତ୍ୟହ ଶତାଧିକ ଭାରିଯାନ ଯାତାୟାତ କରିବାରୁ ରାସ୍ତା ଦବିଯିବା ସହ ବହୁ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ଗତ ଏକ ବର୍ଷ ହେଲା ଏହି ରାସ୍ତାକୁ ଯାଜପୁର ୨ ଜାରକା ଆରଡି ଡିଭିଜନକୁ ହସ୍ତାନ୍ତର କରାଯାଇଥିବା ଜାରକା ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି। ଏବେ ବର୍ଷା ଲାଗିରହୁଥିବାରୁ ରାସ୍ତାଟି ପାଣି କାଦୁଅରେ ବୁଡ଼ି ରହିଛି । ସେଥିପାଇଁ ଯାତାୟାତ କରିବା କଷ୍ଟକର ହେଉଛି। ବଡ଼ ବଡ଼ ଖାଲ ସୃଷ୍ଟି ହେବା ଫଳରେ ଗାଡି ମୋଟର ଚଳାଚଳରେ ବାଧା ସୃଷ୍ଟି କରୁଛି। ଏପରି ଅନେକ ସମୟରେ ଏହି ରାସ୍ତାରେ ପଡି ଲୋକେ ଆହତ ହେଉଥିବା ନଜିର ରହିଛି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା କେଦର ବେହେରା, ଦେବବ୍ରତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ରଗଡ଼ି ସରକାରୀ ପଲିଟେକ୍ନିକରେ ଅଧ୍ୟାପକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ରଗଡି,୫।୮(ଯତୀଶ କୁମାର ମଲ୍ଲିକ):

ଯାଜପୁର ଜିଲା କଳିଙ୍ଗ ନଗରରେ ୧୦ରୁ ଊର୍ଦ୍ଧ୍ୱ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି । ବୈଷୟିକ ଶିକ୍ଷାର ବିକାଶ ଓ ଏଠାରେ ଥିବା ଏକାଧିକ ଶିଳ୍ପାନୁଷ୍ଠାନକୁ ଦୃଷ୍ଟିରେ ରଖି ୨୦୧୪ରେ କୋରେଇ ବ୍ଲକ ଅନ୍ତର୍ଗତ ରଗଡ଼ିରେ ଯାଜପୁର ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଦୁଇ ବର୍ଷ ତଳେ ଏହା ରାଜ୍ୟର ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏଠାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଥିବାବେଳେ ବର୍ତ୍ତମାନ ଅଧା ଶିକ୍ଷକରେ ଶିକ୍ଷାଦାନ ଚାଲିଛି । ଏଠାରେ ୩୪ ଜଣ ଅଧ୍ୟାପକ ଓ ଟେକ୍ନିସିଆନ ନିଯୁକ୍ତି ପାଇବାକୁ ଥିବା ବେଳେ ଅଛନ୍ତି ମାତ୍ର ୧୭ ଜଣ । ପୂର୍ବରୁ ସ୍ୱଳ୍ପ ପାରିତୋଷିକରେ ଏହି ସବୁ ପଦବୀରେ ଅଧ୍ୟାପକ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ ଚାଲୁଥିଲା । ଚଳିତ ବର୍ଷ ଏହି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି। ଫଳରେ ଜଣେ ଅଧ୍ୟାପକଙ୍କୁ ଏକାଧିକ କ୍ଲାସ ନେବାକୁ ପଡୁଛି । ଚଳିତ ବର୍ଷର ଶିକ୍ଷାଦାନ ମାସକ ତଳୁ ଆରମ୍ଭ ହୋଇଛି। ଅଧ୍ୟାପକ ଅଭାବରୁ ଏଥିରେ ସମସ୍ୟା ସୃଷ୍ଟି ହୋଇଛି । ଏଠାରେ ମେକାନିକାଲ, ସିଭିଲ, ଇଲେକ୍ଟ୍ରିକାଲ, ମାଇନିଂ ଓ ମେଟାଲୋଜି ଆଦି ୫ ବିଭାଗରେ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଫାଙ୍କା ପଡିଥିବା ଅଧ୍ୟାପକ ତଥା ଅନ୍ୟାନ୍ୟ ପଦବୀ ଯଦି ପୂରଣ କରା ନ ଯାଏ ତା'ହେଲେ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଅଧ୍ୟାପକ ନିଯୁକ୍ତି ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ୨ ଶ୍ରମିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୨ ଆହତ

ଧର୍ମଶାଳା,୫।୮(ବଟକୃଷ୍ଣ ପରିଡ଼ା):

**ବିରିବାଟୀ ଗ୍ରାମରେ ପୋଲିସ ଫୋର୍ସ ମୁତୟନ**

ଧର୍ମଶାଳା ଥାନା ଅନ୍ତର୍ଗତ ମାଣ୍ଡିଆ ଛକରେ ଥିବା ଫେରୋ ଆଲାୟ କାରଖାନା ସମ୍ମୁଖରେ ୨ ଶ୍ରମିକ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟି ୨ ଶ୍ରମିକ ଆହତ ହୋଇଛନ୍ତି । ସେଠାରେ ଉତ୍ତେଜନା ଲାଗି ରହିଛି । ପରିସ୍ଥିତିକୁ ଆଖି ଆଗରେ ରଖି ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ସୂଚନା ଅନୁଯାୟୀ, ମାଣ୍ଡିଆ ଛକ ଠାରେ ଥିବା ଫେରୋ ଆଲାୟ କାରଖାନା କୌଣସି କାରଣରୁ ୨ ମାସ ହେଲା ବନ୍ଦ ହୋଇପଡିଛି । ତେବେ କାରଖାନାରେ କାମ କରୁଥିବା ପାଖର ପଞ୍ଚାୟତ ବିରିବାଟୀ ଗ୍ରାମର କେତେଜଣ ଶ୍ରମିକ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଦେଖା କରିବାକୁ ଯାଇଥିଲେ । ଏହି ସମୟରେ ସ୍ଥାନୀୟ ମାଣ୍ଡିଆ ଗ୍ରାମର ଅନ୍ୟ କେତେକ ଶ୍ରମିକ ସେଠାରେ ପହଁଞ୍ଚି ସେମାନଙ୍କୁ ମାଡ଼ ମାରିଥିଲେ । ଫଳରେ ବିରିବାଟୀ ଗ୍ରାମର ଅଜୟ ମଲିକ ଓ ସିପୁ ମଲିକ ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ଉଭୟ ଗ୍ରାମରେ ଚାପା ଉତ୍ତୋଜନା ଲାଗିରହିଥିବାରୁ ପୋଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଖବର ପାଇ ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏବେ ସ୍ଥିତି ସ୍ୱାଭାବିକ ରହିଥିବା ବେଳେ ବିରିବାଟୀ ଗ୍ରାମର ଆହତ ଯୁବକ ଦ୍ୱୟ ଧର୍ମଶାଳା ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।



ଧର୍ମଶାଳା ଥାନା ବିରିବାଟୀ ଗ୍ରାମରେ ଗଣ୍ଡଗୋଳ ପରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ପ୍ୟାନେଲ ଲୟରଙ୍କ ପ୍ରଶିକ୍ଷଣ ଶିବିର

ଯାଜପୁର ଟାଉନ,୫।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଜିଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଆନୁକୁଲ୍ୟରେ ରବିବାର ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ସିଭିଲ କୋର୍ଟ, ଯାଜପୁର ର ଭିଡ଼ିଓ କନଫେରନସିଂ ହଲରେ ପ୍ୟାନେଲ ଲୟରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବାର ଅଦାଲତ ବିଚାରପତି ଗୁଣ୍ଡିଚା ସାମନ୍ତ ସିଂହାର, ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ପୋକ୍‌ସୋ କୋର୍ଟ ଅଭିଜିତ୍ ପଲେଇ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଏସ୍‌ଡ଼ିଜିଏମ୍ ଇପ୍‌ସିତା ନନ୍ଦ ପ୍ରମୁଖ ଯୋଗଦେଇ ପ୍ୟାନେଲ ଲୟରମାନଙ୍କୁ ପରିବାର ସମ୍ବନ୍ଧୀୟ ଆଇନ, ପୋକ୍‌ସୋ ଆକ୍ଟ, ଫୌଜଦାରୀ ଆଇନ, ସମ୍ପତିଗତ ଆଇନ, ଘୋରଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ତଥା ଲିଗାଲ ସର୍ଭିସ ଅଥରିଟି ଆକ୍ଟ ଏବଂ ପ୍ୟାନେଲ ଲୟରମାନଙ୍କ ଭୂମିକା ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବା ସହ ପ୍ୟାନେଲ ଲୟରଙ୍କ କାର୍ଯ୍ୟ କ'ଣ, ସେମାନେ କେଉଁଭଳି ଉପାୟରେ ଠିକ ହିତାଧିକାରୀଙ୍କୁ ମାଗଣା ଆଇନ ପ୍ରଦାନ କରିବାରେ ମାଧ୍ୟମ ସାଜିପାରିବେ ସେ ଉପରେ ଆଲୋକପାତ କରିଥିଲେ ।

# ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ବୈଠକ



ବ୍ଲକସ୍ତରୀୟ ବୈଠକରେ ଯୋଗଦେଇଥିବା ଅତିଥି ।

ସିଂହପୁର,୫।୮
(ଅନଙ୍ଗ ଉଦୟ ବେଉରିଆ):

ବିଂଝାରପୁର ବ୍ଲକ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁରରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନବମ ବ୍ଲକସ୍ତରୀୟ ମାସିକ ବୈଠକ ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ଏବଂ ବିଂଝାରପୁର ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ଜିଲାର କ୍ରୀଡ଼ା ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବ୍ଲକ୍ ଶିକ୍ଷା ଅଧିକାରୀ ବିଶ୍ୱାଳ ବୈଠକର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । କ୍ରୀଡ଼ା ଶିକ୍ଷା ଅଧିକାରୀ ଦାଶ କ୍ରୀଡା, ସ୍କାଉଟ, ଗାଇଡ଼, ଜେଆରସି ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ବ୍ୟବହାର, ରକ୍ଷଣାବେକ୍ଷଣ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନିୟୋଜନ ସ୍ଥିତି, ଉତ୍କର୍ଷ, ମାସିକ ପାଠ୍ୟକ୍ରମ ଯୋଜନା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ପ୍ରସ୍ତୁତି ଓ ପଞ୍ଜିକରଣ ଆଦି ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଶିକ୍ଷାକର୍ମୀ ସହଯୋଗ କରିଥିଲେ ।

# ବଡ଼ଚଣା ବ୍ଲକକୁ ଆସୁନାହାନ୍ତି ବିତ୍ତ ଅଧିକାରୀ

ଚଣ୍ଡିଖୋଲ,୫।୮(ପ୍ରଦୀପ୍ତ କୁମାର ପୃଷ୍ଟି)

**୨ ଥର କାରଣ ଦର୍ଶାଅ ନୋଟିସ ଜାରି**

ବଡ଼ଚଣା ବ୍ଲକରେ ନିଯୁକ୍ତ ବିତ୍ତ ଅଧିକାରୀ (ଆକାଉଣ୍ଟ ଅଫିସର) ଦୀର୍ଘ ଦିନ ହେବ ଅନୁପସ୍ଥିତ ରହୁଛନ୍ତି। ଯଦି ସପ୍ତାହକ ମଧ୍ୟରେ ଦିନେ ଆସିଲେ ନଚେତ୍ ୧୫ ଦିନରେ ଥରେ ଆସୁଛନ୍ତି। ଦୀର୍ଘ ୧ ବର୍ଷ ହେବ ବଡ଼ଚଣା ବ୍ଲକରେ ନିଯୁକ୍ତ ବିତ୍ତ ଅଧିକାରୀ ଦୁର୍ଗା ପ୍ରସାଦ ମହାନ୍ତି ବାରମ୍ବାର ଅନୁପସ୍ଥିତି ରହୁଥିବା ହେତୁ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ତାଙ୍କୁ ସୋମବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗତ ମାସରେ ମଧ୍ୟ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଆଜିକୁ ମିଶାଇ ୨ ଥର ନୋଟିସ ଜାରି କରାଗଲାଣି । ହେଲେ ସେ କୌଣସି ଉତ୍ତର ଦେଉ ନାହାନ୍ତି। ଏଥିପାଇଁ ବଡ଼ଚଣା ବ୍ଲକର ଉନ୍ନୟନ କାର୍ଯ୍ୟରେ ଘୋର ଅସୁବିଧା ସୃଷ୍ଟି ହୋଇଛି। ପଞ୍ଚାୟତ ଓ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟ ବ୍ଲକ ଜରିଆରେ ହୋଇଥାଏ। ଯେଉଁ ଉନ୍ନୟନ କାର୍ଯ୍ୟ କରାଯାଏ ତା'ର ବିଲ ଓ ଟଙ୍କା ବିତ୍ତ ଅଧିକାରୀ ଆକାଉଣ୍ଟକୁ ଛାଡି ଥାଆନ୍ତି। ଦୀର୍ଘ ୩ ମାସ ହେବ ଏହି ବିତ୍ତ ଅଧିକାରୀ ବ୍ଲକକୁ ଆସୁ ନ ଥିବାରୁ ସମସ୍ୟା ଲାଗି ରହିଛି । ଏପରି କି ୮ ଦିନ କିମ୍ବା ୧୫ ଦିନରେ ଥରେ ବ୍ଲକକୁ ଆସି କୌଣସି କାର୍ଯ୍ୟ ନ କରି ଚାଲି ଯାଉଥିବା ଜଣା ପଡିଛି। ଏଥିପାଇଁ ଶତାଧିକ ଫାଇଲ ଗଦା ହୋଇ ରହିଛି । ପ୍ରାପ୍ୟ ପାଇବାରୁ ବହୁ ବ୍ୟକ୍ତି ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ବିତ୍ତ ଅଧିକାରୀ ଆସୁନାହାନ୍ତି। ତାଙ୍କୁ ୨ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଅଥଚ ସେ ତାର ଉତ୍ତର ମଧ୍ୟ ଦେଉନାହାନ୍ତି। ଏ ସମ୍ପର୍କ ରେ ଯାଜପୁର ଜିଲାପାଳଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ସେ ନ ଆସିବାରୁ ଆର୍ଥିକ କାରବାର ହୋଇ ପାରୁନାହିଁ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

ପାଟଣା,୫।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସଂରାପଡ଼ି ସଅଁରାପଶି ଗ୍ରାମ ଚନ୍ଦ୍ରମଣି ମୁଣ୍ଡାଙ୍କ ଶୋଇବା ଘର ଆଜ୍‌ବେଷ୍ଟସ ଘରର ମାଟି କାନ୍ଥ ଲଗଣା ବର୍ଷାରେ ସୋମବାର ଭୋରରୁ ଭୁଶୁଡି ପଡ଼ିଛି। ଘରେ କେହି ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଚନ୍ଦ୍ରମଣୀଙ୍କ କଞ୍ଚା ଇଟା ତିଆରି ଆଜ୍‌ବେଷ୍ଟସ ଘରର କାନ୍ଥ ଲଘୁଚାପ ବର୍ଷାରେ ବତୁରି ଯାଇଥିଲା।

# ରାସ୍ତାର ଦୁରବସ୍ଥାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଯାଜପୁର ଟାଉନ,୫।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁର-ବିଂଝାରପୁର ମୁଖ୍ୟ ରାସ୍ତା (ଯାଉଁଳିବନ୍ଧ-ବିଜିପୁର) ପର୍ଯ୍ୟନ୍ତ ଦୂରାବସ୍ଥାକୁ ନେଇ ସୋମବାର ସ୍ଥାନୀୟ ଲୋକେ ଜିଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଯାଜପୁର-ବିଂଝାରପୁର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଯାଉଁଳିବନ୍ଧଠାରୁ ବିଜିପୁର ପର୍ଯ୍ୟନ୍ତ ଚାଲିଛି । ଆଜକୁ ଦେଢ ବର୍ଷ ଧରି ଆରମ୍ଭ ହୋଇଥିବା ଉକ୍ତ ରାସ୍ତା କାର୍ଯ୍ୟ ସେଭଳି ଆଗେଇ ପାରୁନାହିଁ । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ଜାନୁଆରୀରୁ ଅଦ୍ୟାବଧି ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ନାମକୁ ମାତ୍ର କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆଜକୁ ଦେଢ ବର୍ଷ ତଳୁ ଆରମ୍ଭ ହୋଇଥିଲେ ମଧ୍ୟ ସେଠାରେ ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଏହି ରାସ୍ତା ପାଇଁ କେତେ ଟଙ୍କା ଅଟକଳ କରାଯାଇଛି, ଏହାର ସମୟ ଅବଧି କେଉଁ ତାରିଖ ପର୍ଯ୍ୟନ୍ତ ଅଛି ଏବଂ କେଉଁ ଠିକା ସଂସ୍ଥା ଉକ୍ତ କାର୍ଯ୍ୟକୁ କରୁଛି ତାକୁ ନେଇ ଲୋକେ ଦ୍ୱନ୍ଦରେ ପଡିଛନ୍ତି । ଅନ୍ୟ ପକ୍ଷରେ ସାମାନ୍ୟ ବର୍ଷରେ ଏହି ରାସ୍ତାରେ ଥିବା ଖାଲରେ ପାଣି ଜମି ଯାଉଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ।

# ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କଳିଙ୍ଗନଗର,୫।୮(ଶୁଭାଶିଷ ରାଉତ):

ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଯାଇଛି। ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ନିୟମାନୁଯାୟୀ +୨ ପ୍ରଥମବର୍ଷ ନବାଗତ ଛାତ୍ରୀଛାତ୍ରମାନଙ୍କୁ +୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଅଧକ୍ଷ ଡ଼. ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, +୩ର ଅଧକ୍ଷ ବିଜୟ କୁମାର ସାହୁ, ଅଧ୍ୟାପକ ଖଗେଶ କୁମାର ଜେନା, ରଞ୍ଜନ କୁମାର ସାହୁ , ଅଧ୍ୟାପିକା ମୀରାମ୍ବିକା ସାହୁ, ପାରିଜାତ ମହାନ୍ତି, ଶିଳନ ପ୍ରଭା ନାୟକ, ଇତିଶ୍ରୀ ମଲିକ, ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା, ଗୋବର୍ଦ୍ଧନ ସାହୁ, ପ୍ରମୁଖ ଯୋଗଦେଇ କଲେଜର ଇତିହାସ, ନୀତିନିୟମ ଶୃଙ୍ଖଳା, ଅନୁଶାସନ, ନୋ ରାଗିଂଜୋନ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟାପକ ତୋଫାନ ଜେନା, ଶ୍ରୀମନ୍ତ ନାୟକ, ପାର୍ଥସାରଥୀ ବଳ, ସନ୍ଦୀପ ଦାସ, ଡେମେନଷ୍ଟ୍ରେଟର ବାଇଧର ସାହୁ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମର ଅଂଶଗ୍ରହଣ କରିଥିଲେ। ଶେଷରେ ଇତିଶ୍ରୀ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ନୂତନ ଛାତ୍ରୀଛାତ୍ର ।

# ବ୍ୟାସନଗର ପୌରାଞ୍ଚଳ ଭେଣ୍ଡିଂଜୋନ୍ କାର୍ଯ୍ୟକ୍ଷମ ହେଲାନି

ଯାଜପୁରରୋଡ଼,୫।୮
(ପବିତ୍ର ରଞ୍ଜନ ମହାନ୍ତି):

ଦୀର୍ଘଦିନ ଧରି ବ୍ୟାସନଗର ପୌରାଞ୍ଚଳର ଦୈନିକ ମାର୍କେଟ ସମସ୍ୟା ଦେଖା ଯାଇଥିଲେ ମଧ ଏହାର ସ୍ଥାୟୀ ପ୍ରତିକାର ହୋଇପାରିନାହିଁ । ଯାହାଫଳରେ ଏଠାକାର ବ୍ୟବସାୟୀ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସହରର ଭୌଗଳିକ ଦୃଷ୍ଟିକୁ ଆଖି ଆଗରେ ରଖି ଚୋରଦା, କୋପଣ୍ଡ, ନିୟୁ ମାର୍କେଟ ଓ ନହକା ଗୋଲେଇ ଛକରେ ଦୈନିକ ବଜାର ଖୋଲିବା ପାଇଁ ୨ ଭେଣ୍ଡିଂଜୋନର କାର୍ଯ୍ୟ ସରିଛି। ହେଲେ ଏଯାବତ ସମସ୍ୟାର ସ୍ଥାୟୀ ବ୍ୟବସ୍ଥା ନ ହେବାରୁ ସହରର ଉଠା ଦୋକାନୀମାନେ ବର୍ଷା ଖରାରେ ବାହାରେ ବସି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ବୋଲି ଉଠା ଦୋକାନୀ ସଂଘର ସଭାପତି ବିଦ୍ୟାଧର ମହାନ୍ତି ଅଭିଯୋଗ କରିଛନ୍ତି । ତୁରନ୍ତ ଆବଶ୍ୟକ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା, ଚୋରଦା ଓ ନିୟୁ ମାର୍କେଟ ଠାରେ କାର୍ଯ୍ୟ ସରିଥିବା ଭେଣ୍ଡିଂଜୋନ୍‌କୁ ପୌର ପରିଷଦ ପକ୍ଷରୁ ଉଠାଦୋକାନୀଙ୍କୁ ଆବଣ୍ଟନ କରିବାକୁ ସେ ଦାବି କରିଛନ୍ତି । ଅନ୍ୟପକ୍ଷେ ଏହି ଭେଣ୍ଡିଂଜୋନ ନିର୍ମାଣ କର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମହାନ୍ତି ଦାବି କରିଛନ୍ତି ।



କାର୍ଯ୍ୟକ୍ଷମ ନ ହୋଇ ପଡିରହିଥିବା ଭେଣ୍ଡିଂଜୋନ୍ ।

ସୂଚନାଯୋଗ୍ୟ ଚୋରଦାଠାରେ ନିର୍ମାଣ ସରିଥିବା ମାର୍କେଟ କମ୍ପ୍ଲେକ୍ସ ପାଇଁ ୧କୋଟି ୬୬ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ତତ୍କାଳୀନ କୋରେଇ ବିଧାୟକ ତା୨୮।୧।୨୦୨୪ରିଖରେ ସେହି ମାର୍କେଟ କମ୍ପ୍ଲେକ୍ସକୁ ଉଦଘାଟନ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରୁନି । ଏହି ମାର୍କେଟ କମ୍ପ୍ଲେକ୍ସର କେତେକ ସ୍ଥାନରେ କାନ୍ଥ ଫାଟିବା ଆରମ୍ଭ କରିଛି। ନିମ୍ନମାନର କାମ ପାଇଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

# କୁମ୍ଭୀର ଯୋଗୁ ନଦୀକୁ ପ୍ରବେଶ କଟକଣା ଫୁଁ

ମହାକାଳପଡା, ୫।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)





ଖୋଳାନଦୀରେ ପଶି ମାଛ ନ ଧରିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି। ଗଳିଆ ନଦୀରେ ମହିଳାମାନେ ଅଣ୍ଡାଳି ମାଛ ଧରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାରେ ଉପକୂଳବର୍ତ୍ତୀ ନଦୀରେ କୁମ୍ଭୀର ଲାଗି ପ୍ରବେଶ ଉପରେ ବନ ବିଭାଗ ପକ୍ଷରୁ କଟକଣା ଜାରି ସହ ହୋର୍ଡିଂ ଲଗାଯାଇଛି। ଏଥିସହ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପ୍ରଚାର କରାଯାଉଛି। ଏତେ ସତ୍ତ୍ୱେ ଏହି କଟକଣାକୁ ଲୋକେ ମାନୁନାହାନ୍ତି। ପରିବାର ପ୍ରତିପୋଷଣ ପାଇଁ ମହିଳାମାନେ ବିପଦସଙ୍କୁଳ ଭାବେ ମହାକାଳପଡ଼ା ବ୍ଲକରେ ଥିବା ଗଳିଆ, ଖୋଳା ନଦୀରେ ପଶି ଅଣ୍ଡାଳି ମାଛ ଧରିବା ଦୈନିକ ଜୀବନ ଜୀବିକା ପାଲଟିଛି। ମାଛ ଧରି ବଜାରରେ ବିକ୍ରି କରି ଦୁଇ ପଇସା ଯାହା ହୁଏ ସେଥିରେ ପରିବାର ଚଳେ ବୋଲି ମହିଳାମାନେ କହିଛନ୍ତି।

ବିପଦପୂର୍ଣ୍ଣ ଗଳିଆ ନଦୀରେ ସ୍ଥାନୀୟ ମହିଳାମାନେ ଦୈନିକ ମାଛ ଧରିବା ଦେଖିବାକୁ ମିଳେ। ତେବେ ଅନେକ ସମୟରେ କୁମ୍ଭୀର ଭରା ନଦୀରେ ମାଛ ଧରିବା ବେଳେ ସାମ୍ନା ସାମ୍ନି ହେଉ ବା ପଛ ପଟରୁ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳେ। ମହିଳାମାନେ କହିବା କଥା ଆମେ ମିଳିତ ହୋଇ ପାଖାପାଖି ରହି ଥିବାରୁ କୁମ୍ଭୀର ବାଟ କାଟି ଚାଲିଯାଏ। ହେଲେ ଜୀବନ ଜୀବିକା ନିର୍ବାହ ପାଇଁ ମାଛ ଧରିବା ଆମର ନିଶା ଓ ପେସା। ଗଳିଆ ନଦୀରୁ ଅଣ୍ଡାଳି ଚିଙ୍ଗୁଡ଼ି, କଙ୍କଡ଼ା, ଛୋଟ ବଡ଼ ମାଛ ଧରିଥାଉ। ଏଥିମଧ୍ୟରୁ କିଛି ମାଛ ଖାଇବା ପାଇଁ ରଖି ସବୁତକ କଙ୍କଡ଼ା, ଚିଙ୍ଗୁଡ଼ିକୁ ବଜାରରେ ବିକ୍ରି କରିଦେଉ।୨ ବର୍ଷ ପୂର୍ବେ ଖରିନାସି ନିକଟ ଜଙ୍ଗଲ ପାର୍ଶ୍ୱ ସଂଲଗ୍ନ ଭରା ନଦୀରେ କେତେଜଣ ମହିଳା ମାଛ ଧରିବା ବେଳେ ଏକ ବଡ଼

- ଜୀବନ ଜୀବିକା ପାଇଁ ପାଣି ଅଣ୍ଡାଳି ଧରୁଛନ୍ତି ମାଛ
- ବର୍ଷେ ତଳେ କୁମ୍ଭୀର ଆକ୍ରମଣରେ ମହିଳାଙ୍କ ଜୀବନ ଯାଇଥିଲା

କୁମ୍ଭୀର ମହିଳା କୌଶଲ୍ୟା ମଣ୍ଡଳଙ୍କୁ ଟାଣି ନେଇ ନଦୀରେ ବୁଡ଼ାଇ ଦେଇଥିଲା। ସାଥୀ ମହିଳାମାନଙ୍କ ପାଟି ଶୁଣି କୁମ୍ଭୀରଟି ମହିଳାଙ୍କୁ ଛାଡ଼ି ନଦୀ ମଧ୍ୟକୁ ଚାଲି ଯାଇଥିଲା। ପରେ ଉକ୍ତ ମହିଳାକୁ ଉଦ୍ଧାର କରାଯାଇଥିଲେ ହେଁ ମୃତ୍ୟୁ ଘଟିଥିଲା। ନଦୀ ମଧ୍ୟରେ ମହିଳାମାନେ ମାଛ ଧରିବା ବେଳେ କୁମ୍ଭୀର ଆକ୍ରମଣରେ ଶିକାର ହେଉଥିବା ଖରିନାସି, ହରିଆବାଙ୍କ, ବଡିଘର ଅଞ୍ଚଳର ସ୍ଥାନୀୟ ଲୋକ କହିଛନ୍ତି। କ୍ଷତିଗ୍ରସ୍ତ , ପୀଡିତ ମହିଳାମାନେ ମେଡ଼ିକାଲରେ ଆରୋଗ୍ୟ ଲାଭ ପରେ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା କାହାକୁ ମିଳେ ତ କାହାକୁ ମିଳି ନ ଥାଏ। ଏଭଳି ବର୍ଷ ସାରା ସ୍ଥାନୀୟ ଖୋଳା ନଦୀ, ଟୁବି ଗଳିଆ ନଦୀ, ରାମଚଣ୍ଡୀ ଗଳିଆ ନଦୀ, ପେଟଛେଲା ଗଳିଆ ନଦୀରେ ମହିଳାମାନେ ଦୈନିକ ଅଣ୍ଡାଳି ମାଛ ଧରୁଥିବା ଦେଖିବାକୁ ମିଳେ। ଏ ସଂକ୍ରାନ୍ତରେ ମହାକାଳପଡ଼ା ବନ୍ୟ ପ୍ରାଣୀ ବନ୍ୟ ଜୀବ ବନାଞ୍ଚଳ ଅଧିକାରୀ ନଳିନୀକାନ୍ତ ବେହେରାଙ୍କୁ ପଚାରିବାରେ ନଦୀପାର୍ଶ୍ୱରେ ସୁରକ୍ଷା ପାଇଁ ହୋର୍ଡିଂ ଲାଗିଛି। କୁମ୍ଭୀର ଭରା ବିପଦପୂର୍ଣ୍ଣ ନଦୀରେ ପ୍ରବେଶ ନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି। ଏଥିସହ ମହାକାଳପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ( ଲୁଣା ଜଙ୍ଗଲ ) ବଡିଘର ସେକ୍ସନ ଅଧୀନ ମହାନଦୀ ଓ ଶାଖା ଖୋଳା ନଦୀରେ ବଉଳା କୁମ୍ଭୀର ଉପଦ୍ରବ ଯୋଗୁ ନଦୀକୂଳରେ ବସବାସ କରୁଥିବା ଲୋକମାନଙ୍କୁ ସଚେତନ ଓ ସତର୍କ ସୂଚନା। ନଦୀ ମଧ୍ୟକୁ ପ୍ରବେଶ କଟକଣା ବନ ବିଭାଗ ପକ୍ଷରୁ ଜାରି କରାଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ପ୍ରଚାର ଗାଡ଼ି ପରିକ୍ରମା କରୁଛି। ନଦୀରେ ପ୍ରବେଶ କଲେ କୁମ୍ଭୀର ଆକ୍ରମଣରେ ଶିକାର ଆଶଙ୍କା ରହିଛି ବୋଲି ବନ ବିଭାଗ ପକ୍ଷରୁ ପ୍ରଚାର ପ୍ରସାର ପାଇଁ ସଚେତନ ରଥ ବୁଲୁଛି।

# ଦୃଷ୍ଟିବାଧିତଙ୍କ କାନ୍ଧରେ ବୋଲ୍‌ବମ୍ ଭାର



କେନ୍ଦ୍ରାପଡ଼ା, ୫।୮ (ଜଗନ୍ନାଥ ଧଳ)

ରାଜ୍ୟର ବିଭିନ୍ନ ସ୍ଥାନର ୬ ଜଣ ଦୃଷ୍ଟିବାଧିତ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସହାୟତାରେ କପାଳେଶ୍ୱର ମନ୍ଦିରରେ ସୋମବାର ଜଳଲାଗି କରିଛନ୍ତି। ସେମାନେ ହେଲେ ରାହୁଲ ପାତ୍ର, ବିଶ୍ୱଜିତ ପ୍ରଧାନ, କଳ୍ପତରୁ ଦାସ, ଜୟରାମ ଦାସ, କୁନି ଦାସ ଓ ଦିଲୀପ କୁମାର ବରାଳ। ଏହି ଯୁବକମାନେ ସହରର କାଳିମନ୍ଦିର ନିକଟ ଗୋବରୀ ନଦୀ ଘାଟରୁ ଜଳ ଉଠାଇ ନିକଟସ୍ଥ କପାଳେଶ୍ୱର ମନ୍ଦିରରେ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଏ ସମ୍ପର୍କରେ ଜୟରାମ ଦାସ କହିଛନ୍ତି, ଆଖିରେ ଈଶ୍ୱରଙ୍କ ସୃଷ୍ଟିକୁ ଦେଖି ପାରୁନାହୁଁ। ତେବେ ଈଶ୍ୱରଙ୍କ ସତ୍ତା ସର୍ବଦା ଅନୁଭବ କରୁଛୁ। ଈଶ୍ୱର ଆମକୁ ଦୀର୍ଘ ଜୀବନ ଦେଇଥିବାରୁ ସର୍ବଦା କୃତଜ୍ଞତା ପ୍ରକାଶ କରୁଛୁ। ଶ୍ରାବଣ ମାସରେ ଶିବଙ୍କୁ ଜଳାଭିଷେକ ପାଇଁ ସମସ୍ତେ ପାଣି ଭାର ନେଉଥିବା ଶୁଣିଛୁ। ଏଥିପାଇଁ ଇଚ୍ଛା ଥିଲେ ମଧ୍ୟ ମନର ଭାବନାକୁ ସର୍ବଦା ଚାପି ରଖିଛୁ। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏ ନେଇ ପ୍ରସ୍ତାବ ଆସିବା ପରେ ଆମ ପ୍ରତି ଈଶ୍ୱରଙ୍କ କୃପା ହୋଇଛି ବୋଲି ଅନୁଭବ କରିଛୁ। ଜଳାଭିଷେକ ପରେ ଯେଉଁ ଖୁସି ମିଳିଛି, ତାହା ପ୍ରକାଶ ପାଇଁ ଭାଷା ଖୋଜିପାଉନାହୁଁ। ପ୍ରଥମଥର ପାଇଁ ଏପରି ସହଯୋଗ ଦେଇଥିବାରୁ ଟ୍ରଷ୍ଟକୁ ଧନ୍ୟବାଦ ଦେଉଛି। ଏମାନଙ୍କୁ ସହଯୋଗ କରିଥିବା ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି କହିଛନ୍ତି, ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ପାଇଁ କାଉଡି ଭାର ଆୟୋଜନ କରି ଟ୍ରଷ୍ଟ ସଦସ୍ୟମାନେ ବହୁ ଆନନ୍ଦିତ ଅଛନ୍ତି। ହିନ୍ଦୁ ସଂସ୍କୃତିରେ ଶ୍ରାବଣ ମାସରେ ଜଳାଭିଷେକ କରିବାକୁ ବହୁ ଉତ୍ସୁକତା ପ୍ରକାଶ ପାଇଥାଏ। ତେବେ ଦୃଷ୍ଟିବାଧିତମାନେ ଏଥିପାଇଁ ଆଗ୍ରହ ଥିବା ସତ୍ତ୍ୱେ ଚୁପ୍ ରହିଥାନ୍ତି। ଏ ନେଇ ଟ୍ରଷ୍ଟ ପକ୍ଷରୁ ଆଲୋଚନା ପରେ ଶ୍ରଦ୍ଧାଳୁଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ସମସ୍ତ ଆୟୋଜନକୁ ଟ୍ରଷ୍ଟ ସଦସ୍ୟ ରଶ୍ମିରଞ୍ଜନ ବାରିକ, ବିଷ୍ଣୁଚରଣ ମହାପାତ୍ର, ମନୋଜ କୁମାର ରାଉତ, ବଲ୍ଲଭ ମହାପାତ୍ର, ଶୈଳବାଳା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷା କର୍ମଚାରୀ ଶୂନ୍ୟ ହେଲା ଏସ୍.କେ. ଦେବ ହାଇସ୍କୁଲ

ଆଳି,୫।୮ (ବନମାଳୀ ସେନାପତି)

ଆଳି ବ୍ଲକ ଶରତ କୁମାର ଦେବ ହାଇସ୍କୁଲର ୪ର୍ଥ ଶ୍ରେଣୀ କର୍ମଚାରୀ ଧ୍ରୁବ ଚରଣ ବେହେରା ଅବସର ଗ୍ରହଣ କରିଛନ୍ତି। ତାଙ୍କର ଅବସର ପରେ ଶିକ୍ଷାନୁଷ୍ଠାନ ୪ର୍ଥ ଶ୍ରେଣୀ କର୍ମଚାରୀ ଶୂନ୍ୟ ହୋଇଯାଇଛି। ଏହା ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ଗୋଟିଏ ମେଣ୍ଟର ସ୍କୁଲ ହୋଇଥିବାରୁ କେହି ଜଣେ ବି ୪ର୍ଥ ଶ୍ରେଣୀ କର୍ମଚାରୀ ନ ରହିଲେ କାର୍ଯ୍ୟ କରିବା କଷ୍ଟକର ହୋଇପଡିବ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ବିଦ୍ୟାଳୟର ସେହି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କବି, ଗାଳ୍ପିକ, ପରାଗ ସାହିତ୍ୟ ପତ୍ରିକାର ସମ୍ପାଦକ ବନମାଳୀ ସେନାପତି ଯୋଗଦେଇ କହିଥିଲେ, ଅବସର ନେଉଥିବା ଧ୍ରୁବଙ୍କ ୩୭ ବର୍ଷ ଚାକିରି ଜୀବନରେ ସେ କେତେ ବିଦ୍ୟାଳୟର ଆବଶ୍ୟକ ଥିଲେ, ନିଜର ସମସ୍ତ ସମୟ ସେ କେବଳ ବିଦ୍ୟାଳୟ ପାଇଁ ବ୍ୟୟ କରିଥିଲେ। ଜଣେ ପରିବେଶବିତ୍ ଭାବେ ମଧ୍ୟ ସେ ଅଞ୍ଚଳରେ ପରିଚିତ। ତାଙ୍କୁ ସମସ୍ତେ ଶ୍ରଦ୍ଧାରେ ଧ୍ରୁବଭାଇ ବୋଲି ଡାକନ୍ତି। ଏହି ଡାକରୁ ହିଁ ତାଙ୍କ ଲୋକପ୍ରିୟତା ଜଣାପଡ଼େ। ସେ ଜଣେ ଆଧ୍ୟାତ୍ମିକ ଲୋକ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଜୟ କୁମାର ବୋଇତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ନନ୍ଦୀ, କ୍ଲଷ୍ଟର ସିଆରସିସି ହଳଧର ସାହୁ ଓ ଶିକ୍ଷାବିତ୍ ସୁକାନ୍ତ କୁମାର ଦାଶ ଯୋଗଦେଇ ତାଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦଶରଥ ମଲିକ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ଅବସରପ୍ରାପ୍ତ ଧ୍ରୁବ ଚରଣଙ୍କୁ ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣିରେ ୧୪୭ ଅଭିଯୋଗ

କେନ୍ଦ୍ରାପଡ଼ା, ୫।୮ (ଜଗନ୍ନାଥ ଧଳ)



ଜିଲାପାଳ ଓ ଏସ୍‌ପିଙ୍କୁ ଲୋକମାନେ ଅଭିଯୋଗ କରୁଛନ୍ତି।

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୪୭ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୩୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ଥିଲା। ସେହିପରି ୧୫ଟି ସାମୂହିକ ଅଭିଯୋଗପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେଗୋଟି ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ବିକାଶ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡ଼କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଏଥିରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ୨ ଏବିଇଓଙ୍କ ତଦନ୍ତ: ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ

ରାଜନଗର,୫।୮ (ଭାସ୍କର ରାଉତରାୟ)

**୬ଷ୍ଠଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଘଟଣା**

ରାଜନଗର ବ୍ଲକ୍‌ର ଏକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଣେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଘଟଣାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଛାତ୍ରୀଙ୍କୁ ଅସଦାଚରଣ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହା ଏକ ସଙ୍ଗିନ ମାମଲା ହୋଇଥିବାରୁ ଘଟଣା ସମ୍ପର୍କରେ ଥାନା କିମ୍ବା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଶିକ୍ଷା ବିଭାଗ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି। ସୋମବାର ରାଜନଗର ବ୍ଲକ୍‌ର ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ଭକ୍ତିଲତା ବାରିକ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସାହୁ ଏହି ହାଇସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟର କର୍ମଚାରୀଙ୍କୁ ତଦନ୍ତକାରୀ ଟିମ୍ ପଚରାଉଚରା କରିଥିଲେ। ୬ଷ୍ଠଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଅଶ୍ଳୀଳ ବ୍ୟବହାର କରିବା ଘଟଣା ସମ୍ପୂର୍ଣ୍ଣ ସତ ବୋଲି ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କହିଥିଲେ। ଏଥିସହ ସେଭଳି ପ୍ରଧାନ ଶିକ୍ଷକଙ୍କ ପାଇଁ ଅନୁଷ୍ଠାନ ବଦନାମ ହେଉଛି ବୋଲି କହିବା ସହ ଲିଖିତ ଭାବେ ଜଣାଇଛନ୍ତି ତଦନ୍ତକାରୀ ଟିମ୍।

ଏହି ଘଟଣା ସମ୍ପର୍କରେ ରିପୋର୍ଟ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ଲିଖିତ ଭାବେ ଦେଇଥିବା ବୟାନ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ଘଟଣା ଘଟିବା ପରଠାରୁ ଦୀର୍ଘ ୧୫ଦିନ ହେଲା ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସୁନାହାନ୍ତି।

କୌଣସି ଛୁଟି ଦରଖାସ୍ତ ନ ଦେଇ ଦୀର୍ଘଦିନ ହେବ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ୧୫ଦିନ ତଳେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀ ଜଣକ ପରିବାର ଲୋକଙ୍କୁ କହିବା ପରେ ବିଦ୍ୟାଳୟ ପରିଚାଳନା କମିଟି ବସି ବିଦ୍ୟାଳୟ ବଦନାମ ହେବ, ତେଣୁ ଅଭିଯୋଗ ନ କରି ପ୍ରଧାନ ଶିକ୍ଷକଙ୍କୁ ୧୫ଦିନ ମଧ୍ୟରେ ଅନ୍ୟତ୍ର ବଦଳି ହୋଇଯିବାକୁ ସମୟସୀମା ଦେଇଥିଲେ। ମାତ୍ର ଏହା ପରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସିଥିବା ବେଳେ ଅଭିଭାବକମାନେ ମିଳିତ ଭାବେ ତାଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଲିଖିତ ଭାବେ ଘଟଣା ସତ ବୋଲି କହିଛନ୍ତି। ୨ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ରିପୋର୍ଟ ଆଧାରରେ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ଭିକ୍ଷା କଲେ ଅଭିଯୋଗକାରୀ

ରାଜକନିକା, ୫।୮ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ଚାଷୀ ଧରଣୀଧର ନାୟକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ରାଜକନିକା ଶାଖାରୁ ତାଙ୍କ ଅଜାଣତରେ ୧ ଲକ୍ଷ ୫୮ ହଜାର ଟଙ୍କା ବ୍ୟାଙ୍କ ଖାତାରୁ ଉଠାଣ ହୋଇଥିଲା। ଏହା ଜାଣିବା ପରେ ନାୟକ ଗତ ୩ ତାରିଖ ବରୁଣା ପାକ୍ସର ସମ୍ପାଦକ ଅସିତ କୁମାର ବେହୁରିଆ ଓ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ନାମରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ହେଲେ ଆଜକୁ ମିଶାଇ ୩ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ ନ ହେବାରୁ ଧରଣୀଧରଙ୍କ ପୁଅ ଜିତେନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ସେ ୩ଦିନ ହେବ ଥାନାକୁ ଏତଲା କପି ସହିତ ତଦନ୍ତ ସମ୍ପର୍କରେ ଜାଣିବା ପାଇଁ ଦୌଡୁଛନ୍ତି। ହେଲେ ପୋଲିସ ପକ୍ଷରୁ ସିସିଟିଭି ଯାଞ୍ଚ ଚାଲିଥିବା କହି ମାମଲା ରୁଜୁ ନ କରି ଦିନ ଗଡ଼ାଇ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଶେଷରେ ସୋମବାର ସନ୍ଧ୍ୟାରେ ଥାନାକୁ ଆସିବାକୁ କୁହାଯାଇଥିଲା। ହେଲେ ପୋଲିସ ସିସିଟିଭି ତଦନ୍ତ ହେଉଥିବା କହିବା ସହ ଆଉ କେତେଦିନ ସିସିଟିଭି ତଦନ୍ତ ଚାଲିବ ବୋଲି ପ୍ରଶ୍ନ କରିଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ କୁହାଯାଉଛି ଯେ, ବ୍ୟାଙ୍କର ସିସିଟିଭି ୪ରୁ ୫ ଘଣ୍ଟାର ଫୁଟେଜ ଠିକ୍‌ରେ ମିଳିପାରୁନାହିଁ। ଫୁଟେଜ ମିଳିଲେ ତଦନ୍ତ ପରିସରଭୁକ୍ତ ହେବ ବୋଲି କହି ସମୟ ଗଡ଼ାଉଥିବା ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାପାଙ୍କ ଦେହ ଖରାପ ଥିବାରୁ ବାପା, ଭାଇ ଚିକିତ୍ସା ପାଇଁ

- ଚାଷୀଙ୍କ ଅଜଣାତରେ ବ୍ୟାଙ୍କ ଖାତାରୁ ୧ ଲକ୍ଷ ୫୮ ହଜାର ଟଙ୍କା ଉଠାଣ ଘଟଣା
- ୩ଦିନ ପରେ ବି ପୋଲିସ ପକ୍ଷରୁ ରୁଜୁ ହେଉନି ମାମଲା
- ଏତଲାକାରୀଙ୍କୁ ମିଳିପାରିନି କପି

ବାହାରକୁ ଯାଇଥିବା ବେଳେ, ଘରେ ଆମେ ମା' ପୁଅ ଅଛୁ। ଆମ ପରିବାରକୁ ଧମକ ଦିଆଯାଉଛି। ଆମ ଜୀବନପ୍ରତି ବିପଦ ଆଶଙ୍କା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରୁଛୁ, ଆମକୁ ନ୍ୟାୟ ପ୍ରଦାନ କରାଯାଉ।

ସୂଚନାଯୋଗ୍ୟ, ୩୦।୩।୨୪ରେ କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ ଅପରେଟିଭ୍ ବ୍ୟାଙ୍କ ଲିଃ ରାଜକନିକା ଶାଖାରେ ଧରଣୀଧର ନାୟକଙ୍କ ନାମରେ ୧ ଲକ୍ଷ ୫୯ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ଟଙ୍କା ଉଠାଣ ପାଇଁ ଆବଶ୍ୟକ ଚେକ୍ ବହି ମଧ୍ୟ ଇସୁ୍ୟ ହୋଇଥିଲା। ଟଙ୍କା ଉଠାଇବାକୁ ଚେକ୍ ବହି ମଧ୍ୟ ବ୍ୟାଙ୍କ ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଜମାଖାତା ଅପ୍‌ଡେଟ୍ ପରେ ଜାଣିବାକୁ ପାଇଲେ ଯେ ତାଙ୍କ ଜମା ଖାତାରେ ତାଙ୍କ ନାମରେ ଚେକ୍ ଦେଇ ସେ ନିଜେ ଉଠାଇ ନେଇଛନ୍ତି ୧ ଲକ୍ଷ ୫୮ ହଜାର ଟଙ୍କା। ଏହା ପରେ ଚାଷୀ ଧରଣୀଧର ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର ଓ ବରୁଣା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରିଆ ନାମରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କୁ ପଚାରିବାରେ ବ୍ୟାଙ୍କର ସିସିଟିଭି ଫୁଟେଜ ଯାଞ୍ଚ ଚାଲିଛି। ଫୁଟେଜକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜିତେନ୍ଦ୍ର ନାୟକ

# ଜୀବଜଗତ ବଞ୍ଚିରହିବାରେ ଗଛର ଭୂମିକା ଅତୁଳନୀୟ

ମାର୍ଶାଘାଇ,୫।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଏବଂ ଅନ୍ୟମାନେ।

ଗଛ ଆମକୁ କେବଳ ଫଳ, ଫୁଲ, ଚେର, କାଠ ଆଦି ଯୋଗାଇ ନ ଥାଏ ବରଂ ଆମ ଜୀବନଶୈଳୀକୁ ସୁରକ୍ଷିତ କରିବା ସହ ଜୈବ ବିବିଧତା ତଥା ସୁସ୍ଥ ପରିବେଶ ବଜାୟ ରଖିବାରେ ସହାୟକ ହୋଇଥାଏ ବୋଲି ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି। ସୋମବାର ମାର୍ଶାଘାଇ ବସ୍‌ଷ୍ଟାଣ୍ଡ ପରିସରରେ ବ୍ଲକ୍ ମିଶନ ଶକ୍ତି ପକ୍ଷରୁ ଆୟୋଜିତ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ବ୍ଲକ୍ ମିଶନ ଶକ୍ତି ସଂଯୋଜକ ବିକାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବିଡିଓ ରଶ୍ମିରେଖା ମଲ୍ଲିକ, ବ୍ଲକ୍ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, ଉଦ୍ୟାନ ବିଭାଗର ହରିହର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ବିଧାୟକ ନାୟକ ବସ୍‌ଷ୍ଟାଣ୍ଡ ପରିସରରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜକାନ୍ତ ସାହୁ, ଅମିତାଭ ସୁଆର, ପ୍ରକାଶ ଦାସ, ପ୍ରଶାନ୍ତ ସେଠୀ, ବିକ୍ରମ ରାଉତରାୟ, ପ୍ରସନ୍ନ ସାହୁ, ନିଗମ ରଥ, ଗଙ୍ଗାଧର ସାମଲ, ସୁକାନ୍ତ ଦାଶ, ପ୍ରତିମା ନାୟକ, ରାଜୀବ ପୃଷ୍ଟି, ଜ୍ଞାନରଞ୍ଜନ ବସନ୍ତିଆ, ଚାମେଲୀ ଓଝା, ସଞ୍ଜୟ ପଣ୍ଡା, ପ୍ରଶାନ୍ତ ପରିଡ଼ା, ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମିଶନ ଶକ୍ତି ପକ୍ଷରୁ ଏହି କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ବ୍ଲକ୍‌ସ୍ତରୀୟ ମହାସଂଘର ସଭାନେତ୍ରୀ କିମ୍ବା ସମ୍ପାଦିକାଙ୍କ ଦେଖା ମିଳି ନ ଥିଲା।

# ବେଡାରୀ ମଲିକସାହି-ଆରଡି ରାସ୍ତା ଶୋଚନୀୟ

ପାଟକୁରା,୫।୮ (ରବୀନ୍ଦ୍ର ନାଥ ବାରିକ)



ବର୍ଷାରେ ବେଡାରୀ ମଲିକସାହି-ଆରଡ଼ି ରାସ୍ତା କାଦୁଅ।

ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତର ବେଡାରୀ ମଲିକସାହି ପାଖରୁ ଆରଡି ରାସ୍ତା ୫୦୦ମିଟର ପର୍ଯ୍ୟନ୍ତ ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ମାଟି ରାସ୍ତା ଅଧିକ ବର୍ଷା ଯୋଗୁ କାଦୁଅ ସରସର ହୋଇଛି। ଏପରିକି ଖାଲି ପାଦରେ ଚାଲି କି ଯିବା କଷ୍ଟକର ହେଉଛି। ଏହି ରାସ୍ତା ଦେଇ ବେଡାରୀ ଓ ସୋଲପାଟ ଗ୍ରାମର କୃଷକମାନେ ହଳ ବଳଦ, ଟ୍ରାକ୍ଟର ନେଇ ବେଡାରୀ ବାଘତଳ ଚକ, ମୁଗୁଦି ଚକ, ମଇଁଷି ଗୋଠ ଚକ, କୁଳଚକ, ଦିନମଠ ଚକ, ଗହୀର ଚକ ଜମିକୁ ଚାଷ କରିବାକୁ ଯାଇଥାନ୍ତି। ପଞ୍ଚାୟତରେ ଥିବା ପରକଣା, ଶ୍ରୀଚନ୍ଦପୁରଓ ଦଳୁଆଣୀ ଗ୍ରାମର ଜନସାଧାରଣ ଏହି ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟ ଓ ସମବାୟ ସମିତି କାର୍ଯ୍ୟାଳୟକୁ ଆସନ୍ତି। ଏତତ ବ୍ୟତୀତ ପଦ୍ମପୁର ପଞ୍ଚାୟତର ଗୋତ୍ରବିଲ, କିଣିଲୋ, ମହମୁଦା ଓ ଯମୁନାବାଦ ଗାଁର କୃଷକମାନେ କୃଷି ଋଣ ପାଇଁ ଏହି ରାସ୍ତା ଦେଇ ବେଡାରୀ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଆସନ୍ତି। ବେଡାରୀ ଆରଆଇ ଅଫିସ ବେଡାରୀଠାରେ କାର୍ଯ୍ୟକ୍ଷମ ହେଲେ ପାଟକୁରା ପଞ୍ଚାୟତ ଓ ପଦ୍ମପୁର ପଞ୍ଚାୟତର ଜନସାଧାରଣ ଏହି ରାସ୍ତାରେ ଆରଆଇ କାର୍ଯ୍ୟାଳୟକୁ ଆସିବେ। ଏହି ରାସ୍ତା ପାର୍ଶ୍ୱରେ ବେଡାରୀ, ସୋଲପାଟ ଓ କୁଳତୁଠି ଗ୍ରାମ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ରାସ୍ତାର ଗୁରୁତ୍ୱ ଅଧିକ ଥିବାବେଳେ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏଣୁ କେନ୍ଦ୍ରାପଡ଼ା ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବେଡାରୀ ଗ୍ରାମର ଅରକ୍ଷିତ ବେହେରା, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ଗୋକୁଳାନନ୍ଦ ବେହେରା, ପ୍ରଦୀପ ବେଉରା, ନିରଞ୍ଜନ ମହାନ୍ତି, ନୃସିଂହ ବେହେରା, ଉପେନ୍ଦ୍ର ଦାସ, ମନୋଜ ଦାସ, ସୁନାକର ସାହୁ, ପବିତ୍ର ବେହେରା ପ୍ରମୁଖ ଅନୁରୋଧ କରିଛନ୍ତି। ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କୁ ପଚାରିବାରେ ବେଡାରୀ ପଞ୍ଚାୟତକୁ ଗ୍ରାମ୍ୟ ଉନ୍ନୟନ ପାଣ୍ଠିରେ ଏହାକୁ ରଖା ଯାଇନାହିଁ। ଫଳରେ କାମ କରି ହେଉନାହିଁ। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ହନୁମାନ ପଇସା ନାଁରେ ଠକେଇ: ଜେଲ ଗଲେ ଦମ୍ପତି

ନୟାଗଡ଼/ରଣପୁର,୫।୮(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ହନୁମାନ ପଇସାରେ ବଡ଼ଲୋକ ହେବାର ଲୋଭ ଦେଖାଇ ଠକେଇ ଅଭିଯୋଗରେ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗାଁର ଗଜାନନ ପ୍ରଧାନ(୪୩) ଓ ତାଙ୍କ ସ୍ତ୍ରୀ ଶୈଳବାଳା(୩୮)ଙ୍କୁ ରଣପୁର ଥାନା ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଏହି ଦମ୍ପତିଙ୍କୁ ରଣପୁର ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମେଣ୍ଢାଶାଳ ଗାଁର ଗଜାନନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଶୈଳବାଳା ରଣପୁର ଥାନା ଦର୍ପନାରାୟଣପୁରର ଶ୍ୱଶୁରଘରେ ରହି ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ହନୁମାନ ପଇସା ନାଁରେ ଠକେଇ କରିଥିଲେ। ହନୁମାନ ପଇସା ଦେଲେ ୧୨ କୋଟି ଟଙ୍କା ମିଳୁଛି। ମୋଟା ଅଙ୍କର ଟଙ୍କାର ଲୋଭ ଦେଖାଇ ଓଡ଼ଗାଁ ଥାନା ପାଣ୍ଡେରିପଡ଼ାର ନବକିଶୋର ପ୍ରଧାନଙ୍କ ସମେତ ୨୪ ଜଣଙ୍କଠାରୁ ୩ରୁ ୪ ବର୍ଷ ଭିତରେ ଅଢ଼େଇ କୋଟି ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗ ହେବା ପରେ ଏହି ଦମ୍ପତିଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ପୋଲିସ ଏକ କାର, ବାଇକ୍, ୮୫ ଗ୍ରାମର ସୁନା ଅଳଙ୍କାର, ୨୮୮ ଗ୍ରାମ ରୁପା ଅଳଙ୍କାର, ୪ଟି ମୋବାଇଲ ଫୋନ୍, ଜାଲ୍ କାଗଜପତ୍ର ଜବତ କରିଛି।

## ଦୂତିକେଶ୍ୱରଙ୍କୁ ୧୨ଶହ କାଉଡିଆଙ୍କ ଜଳଲାଗି

ଓଡ଼ଗାଁ,୫।୮(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାର ଅନ୍ୟତମ ଶୈବପୀଠ ଭାବେ ଖ୍ୟାତିଲାଭ କରିଥିବା ଓଡ଼ଗାଁ ନିକଟସ୍ଥ ଜାମୁପାଟଣା ମୌଜା ଶୁଳିଆ ପାହାଡ଼ର ପାଦଦେଶରେ ପୂଜା ପାଉଥିବା ପଶ୍ଚିମମୁଖା ଶିବ ଦୂତିକେଶ୍ୱର ମହାଦେବଙ୍କ ପୀଠରେ ଶ୍ରାବଣ ମାସ ତୃତୀୟ ସୋମବାର ୧୨ଶହ କାଉଡିଆ ଜଳଲାଗି କରିଛନ୍ତି। ଏହି ପ୍ରକ୍ରିୟା ଭୋର ୩ଟାରେ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସୋମବାର ପାଣି ଢ଼ାଳିବା ପାଇଁ ରବିବାର ଅପରାହ୍ନ ବେଳକୁ ପ୍ରାୟ ୭ଶହ କାଉଡ଼ିଆ ଦୂତିକେଶ୍ୱରରେ ପହଁଞ୍ଚି ଥିଲେ। ମନ୍ଦିର କମିଟି ସହଯୋଗରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ଗୋଡ଼ିପଲ୍ଲୀ ଇଗଲ କ୍ଲବ୍ ଯୁବକମାନେ ନିଜେ ପ୍ରସ୍ତୁତ କରିଥିବା ରନ୍ଧା ଖାଦ୍ୟ କାଉଡ଼ିଆମାନଙ୍କୁ ପରସି ଥିଲେ।

## ସ୍ତ୍ରୀଙ୍କୁ ପୋଡ଼ି ମାରିଦେବା ଅଭିଯୋଗରେ ସ୍ୱାମୀ ଅଟକ

ଓଡ଼ଗାଁ,୫।୮(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ସିନେମା ହଲ ଛକରେ ରହୁଥିବା ସୁନୀଲ ଦୋରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା(୨୪) ରୋଷେଇ କରୁଥିବା ବେଳେ କୌଣସି କାରଣରୁ ପିନ୍ଧିଥିବା ବସ୍ତ୍ରରେ ନିଆଁ ଲାଗି ଯାଇଥିଲା। ସେତେବେଳେ ଘରେ ଉପସ୍ଥିତ ଥିବା ସ୍ୱାମୀ ସୁନୀଲ ତତ୍‌କ୍ଷଣାତ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ନିଆଁଠାରୁ ହଟାଇବାକୁ ଚେଷ୍ଟା କରୁଥିବାବେଳେ ନିଜେ ମଧ ପୋଡି ହୋଇଥିଲେ। ସଙ୍ଗେସଙ୍ଗେ ଗୁରୁତର ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ବହୁ ଚେଷ୍ଟା ପରେ ମଧ ଲକ୍ଷ୍ମୀପ୍ରିୟାଙ୍କୁ ସୁନୀଲ ବଞ୍ଚାଇ ପାରି ନ ଥିଲେ। ଅଗଷ୍ଟ ୨ ତାରିଖରେ ଏମସ୍‌ରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିଲା। ସୁନୀଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମସ୍ତ କାର୍ଯ୍ୟ ସୁନିଲ୍ ନିଜେ କରିଥିଲେ ମଧ ଲକ୍ଷ୍ମୀପ୍ରିୟାଙ୍କ ବାପା ଶରଣକୁଳ ଥାନା ଅନ୍ତର୍ଗତ ଗୋଡିପଡା ଗ୍ରାମର ରବିନାରାୟଣ ହଜାରୀ ସୁନୀଲ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ମାରି ଦେଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରଥିଲେ। ପରେ ପୋଲିସ ନଂ. ୨୨୨/୨୪ ମାମଲା ରୁଜୁ କରି ଅଭିଯୁକ୍ତ ସୁନୀଲଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ଶ୍ୱଶୁର ରବିନାରାୟଣ ସୁନୀଲଙ୍କୁ କେବେ ହେଲେ ଜ୍ୱାଇଁ ବୋଲି ଗ୍ରହଣ କରୁ ନ ଥିବା ସୁନୀଲ କହିଛନ୍ତି।

# ବିପଣି ଗୃହ ନାହିଁ, ରାସ୍ତାକଡ଼ରେ ପରିବା ବ୍ୟବସାୟ

ଖଣ୍ଡପଡ଼ା,୫।୮(ଅଜୟ କୁମାର ମହାରଣା)

ରାଜ୍ୟରେ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ମାନ୍ୟତା ପାଇଛି। ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ନୀଳମାଧବ ଜୀଉଙ୍କ ଦର୍ଶନ କରିବାକୁ ଆସୁଛନ୍ତି। ସ୍ଥାନୀୟ ତଥା କଣ୍ଟିଲୋ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଏଠାକୁ ବିଭିନ୍ନ କାର୍ଯ୍ୟରେ ମଧ ଆସିଥାନ୍ତି। ତେବେ କଣ୍ଟିଲୋରେ ବିଭିନ୍ନ ପନିପରିବା ଓ ମାଛ, ମାଂସ ବେପାରୀମାନଙ୍କ ପାଇଁ ଏଠାରେ ସ୍ଥାୟୀ ବିପଣି ଗୃହ ନ ଥିବାରୁ ସେମାନେ ମୁଖ୍ୟ ଛକ ଓ ରାସ୍ତାକଡ଼ରେ ସେମାନଙ୍କ ପସରା ମେଲାଇ ବସୁଛନ୍ତି। ଫଳରେ ମୁଖ୍ୟରାସ୍ତା ପାର୍ଶ୍ୱ ଏବେ ଉଠାଦୋକାନୀ ଓ ବେପାରୀମାନଙ୍କ କବ୍‌ଜାରେ ରହୁଛି। ପ୍ରତ୍ୟହ ଏହି ରାସ୍ତା ଉପରେ ହାଟ ବସିବା ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜି ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି।

୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତ ଓ ଏହାର ଆଖପାଖ ବାଣପୁର, ପଥରଚକଡ଼ା, ଧାନଚେଙ୍ଗଡ଼ା, ସିଧାମୂଳା ଆଦି ଅଞ୍ଚଳର ଜନସାଧାରଣ ଦୈନିକ ପନିପରିବା ଓ ମାଛ, ମାଂସର ଆବଶ୍ୟକତା ପାଇଁ କଣ୍ଟିଲୋ ବ୍ୟବସାୟୀଙ୍କ ଉପରେ ନିର୍ଭର କରିଥାନ୍ତି। ଏସବୁ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତ୍ୟହ


ରାସ୍ତାକଡ଼ରେ ବ୍ୟବସାୟ ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି।

ବାଣପୁର, ଧାନଚେଙ୍ଗଡ଼ା, ପଥରଚକଡ଼ା, ମହାନଦୀର ଅପରପାର୍ଶ୍ୱ ଏକଡାଳ, ନରସିଂହପୁର, ମାନପୁର, ବାଘେଡିଆ ଓ କାନପୁର ଆଦି ଅଞ୍ଚଳର ଚାଷୀମାନେ ବାଡ଼ିବଗିଚାରୁ ଉତ୍ପାଦିତ ପନିପରିବା ସହ ମାଛ, ମାଂସ ବେପାରୀମାନେ ପ୍ରତ୍ୟହ କଣ୍ଟିଲୋକୁ ଆସି ସେମାନଙ୍କ ବେପାର କରିଥାନ୍ତି। ତେବେ କଣ୍ଟିଲୋ ଅଞ୍ଚଳରେ ଏମାନଙ୍କ ପାଇଁ କୌଣସି ସ୍ଥାୟୀ ବିପଣୀ ଗୃହ ନ ଥିବାରୁ ବେପାରୀମାନେ କଣ୍ଟିଲୋ ଯାତ୍ରାପଦା ବଜାର ଛକ ରାସ୍ତାପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବେପାର କରିଥାନ୍ତି। ବିଶେଷକରି ସମ୍ପୃକ୍ତ ବେପାରୀମାନେ ସକାଳୁ ସନ୍ଧ୍ୟା ଯାଏ ଖୋଲାମେଲାରେ ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରୁଛନ୍ତି। କେବଳ ପରିବା ବେପାରୀ କାହିଁକି, ଗ୍ରାହକମାନେ ମଧ ବର୍ଷା କି ଖରାରେ ପରିବା କ୍ରୟ କରିବା ବେଳେ ଅନୁରୂପ କଷ୍ଟ ମଧ ଅନୁଭବ କରୁଛନ୍ତି। ମୁଣ୍ଡ ଉପରେ ପଲିଥିନ ପାଲ ଖଣ୍ଡେ ଟାଣିବା ପାଇଁ ଜାଗା ନ ଥିବା ବେଳେ ରାସ୍ତାକୁ ଅବରୋଧ କରି ଛତା ଟେକି ମଧ ବେପାର କରୁଥିବାରୁ ରାସ୍ତା ସଙ୍କୁଚିତ ହୋଇପଡୁଛି। ଖରାରେ ପରିବା

### କଣ୍ଟିଲୋରେ ଟ୍ରାଫିକ୍ ସମସ୍ୟା ଯୋଗୁ ପଥଚାରୀ ହୀନସ୍ତା

ଓ ମାଛ, ମାଂସ ବେପାରୀଙ୍କ ସହ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସଙ୍କୁଚିତ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ ଓ ବଜାର ନିକଟସ୍ଥ ଖୁଦ ବେହେରା ପାଟଣା, କୃଷ୍ଣେଶ୍ୱରପାଟଣା, କଂସାରିସାହିପାଟଣାର ଅଧିବାସୀ ଝିଅ ବୋହୂମାନେ। ପ୍ରତ୍ୟହ ନିକଟସ୍ଥ ମହାନଦୀକୁ ସ୍ନାନ, ଶୌଚାଦି ସମ୍ପନ୍ନ କରିବାକୁ ଏହି ଜନଗହଳିପୂର୍ଣ୍ଣ ବଜାର ଛକ ଦେଇ ମହିଳାମାନେ ଯିବା ସମୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏହାଛଡା ଭୁବନେଶ୍ୱର, ନୟାଗଡ଼, ଦଶପଲ୍ଲା ଓ ଗଣିଆରୁ ଯାତାୟାତ କରୁଥିବା ଯାନବାହନ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକ ଏହି ମୁଖ୍ୟରାସ୍ତା ଉପରେ ଗହଳି ଯୋଗୁ ଅଟକି ରହିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଜରୁରିକାଳୀନ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ବ୍ୟବସାୟର ପ୍ରମୁଖ ପେଣ୍ଠସ୍ଥଳୀ ରୂପେ ପରିଚିତ ଏହି ଛକଟିରେ ସକାଳ ୮ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଠାଦୋକାନୀଙ୍କ ଯୋଗୁ ରାସ୍ତା ଉପରେ ନାହିଁ ନ ଥିବା ଭିଡ଼ ଜମୁଛି। ଅଧିକାଂଶ ସମୟ ରାସ୍ତା ଜାମ୍ ଯୋଗୁ ଜରୁରିକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ିଗୁଡ଼ିକ କିଛି ଉପାୟ ନ ପାଇ ରାସ୍ତା ଉପରେ ଅଯଥାରେ ଅଟକି ରହୁଥିବା ନଜରକୁ ଆସୁଛି। ସୂଚନାଯୋଗ୍ୟ, ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ପାର୍ଶ୍ୱ ସ୍ଥାନକୁ ସିମେଣ୍ଟ କଂକ୍ରିଟକରଣ କରାଯାଇ ଏଠାରେ ପନି ପରିବା ବ୍ୟବସାୟ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ସମ୍ପ୍ରତି ବର୍ଷା ସମୟରେ ଏଠାରେ ଗ୍ରାହକ ହେଉ ଅବା ବେପାରୀମାନେ ରହିବାରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ ପନି ପରିବା ବେପାରୀମାନେ ବାରମ୍ବାର ବାରଣ ପୁଣି ଯାତ୍ରାପଦା ବଜାର ଛକଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତା ଉପରେ ସେମାନଙ୍କ ପସରା ମେଲାଇ ବସୁଛନ୍ତି। ସମ୍ପ୍ରତି ହଜାର ହଜାର କାଉଡ଼ିଆ ମହାନଦୀକୁ ଜଳଭାର ନେବାକୁ ଆସୁଥିବାରୁ ବଜାର ଛକ ତଥା ମନ୍ଦିର ପଶ୍ଚିମ ପାର୍ଶ୍ୱ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବଜାର ନିୟନ୍ତ୍ରଣ କମିଟି ନ ଥିବାରୁ ବିଭିନ୍ନ ସମୟରେ ଗ୍ରାମବାସୀ ଓ ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତାପାର୍ଶ୍ୱରେ ବସୁଥିବା ପରିବା ମାଛ, ମାଂସ ବ୍ୟବସାୟୀଙ୍କୁ ଅନ୍ୟତ୍ର ଚାଲିଯିବାକୁ ବାଧ୍ୟ କରିବାରେ ସମ୍ପୃକ୍ତ ବ୍ୟବସାୟୀ ଅନ୍ୟତ୍ର ଚାଲିଯାଇଥାନ୍ତି। ମାତ୍ର ଦିନେ କି ୨ଦିନ ପରେ ସେମାନେ ପୁଣି ପୂର୍ବ ସ୍ଥାନକୁ ଫେରିଆସନ୍ତି। ଏ ଦିଗରେ ପୋଲିସ ତଥା ଜିଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରସ୍ତାବିତ ରାସ୍ତାରୁ ଭାଙ୍ଗୁନି ବେଆଇନ ନିର୍ମାଣ


ରାସ୍ତା ଉପରେ ଯଜ୍ଞ ଘର ଗାଁ ଲୋକେ ନିର୍ମାଣ କରିଛନ୍ତି।


ଗାଁଲୋକଙ୍କ ପ୍ରତିବାଦ ଯୋଗୁ ରାସ୍ତା ନିର୍ମାଣ ହୋଇପାରୁନି।

ନୟାଗଡ଼, ୫।୮(ଲୋକନାଥ ମିଶ୍ର)

- ୨୪ ବର୍ଷ ହେଲା ନିର୍ମାଣ ହୋଇପାରୁନି ରାସ୍ତା
- ଜିଲାପାଳଙ୍କ ଫେରାଦ ହେଲେ ଗ୍ରାମବାସୀ

ପ୍ରସ୍ତାବିତ ରାସ୍ତାରୁ ବେଆଇନ ନିର୍ମାଣ ଭାଙ୍ଗୁନି। ଏଣୁ ୨୪ ବର୍ଷ ଧରି ସମ୍ପୂର୍ଣ୍ଣ ହୋଇ ପାରୁନି ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣାଠାରୁ ସୁନାମୁହିଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା। ଓଡ଼ଗାଁ-ଭାଲିଆଡିହିଠାରେ ଅଟକି ରହିଛି। ପୂର୍ବରୁ ରାସ୍ତାଟି ଆରଡି ବିଭଗରେ ଥିବାବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ ଦାୟିତ୍ୱରେ ରହିଛି। କିନ୍ତୁ ଯେତେଥର ରାସ୍ତା ନିର୍ମାଣ ପାଇଁ କାମ ଆରମ୍ଭ ହେଉଛି ଭାଲିଆଡିହି ଗ୍ରାମବାସୀ କାମକୁ ବିରୋଧ କରି ନିଜ ଜିଦ୍ ଅନୁସାରେ ରାସ୍ତା ନେବା ପାଇଁ ଅଡି ବସୁଛନ୍ତି ବୋଲି ଅଭିଯୋଗ ରହିଛି। ଅପରପକ୍ଷେ ଓଡ଼ଗାଁ ତହସିଲ ପକ୍ଷରୁ ଚିଠି ନଂ. ୨୮୬ ଏବଂ ଉଚ୍ଚ ନ୍ୟାୟାଳୟ କେସ ନଂ. ୧୧୧୫୮ରେ ରାସ୍ତା କେଉଁବାଟ ଦେଇ ଯିବ ପଥ ପ୍ରସ୍ତୁତ କରୁଥିଲେ ବି ଏହାକୁ ଭାଲିଆଡିହି ଗ୍ରାମବାସୀ ମାନୁ ନାହାନ୍ତି। ଭାଲିଆଡିହି ଗ୍ରାମବାସୀ ଶ୍ମଶାନ ପ୍ଲଟ ୪୮୯ ଓ ବିଦ୍ୟାଳୟ ପରିସରର ପ୍ଲଟ ନଂ. ୮୬୭ ମଧ ଦେଇ ଗଲେ ପ୍ରତିବାଦ କରାଯବନି ବୋଲି ଯୁକ୍ତି ବାଢୁଛନ୍ତି। ତେବେ ଶ୍ମଶାନ ପ୍ଲଟ ଓ ସ୍କୁଲ ପ୍ଲଟ ଦେଇ ରାସ୍ତା ଯିବନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ରାସ୍ତା ନିର୍ମାଣ ନ ହୋଇ ପଡି ରହିଛି। ଏଭଳିସ୍ଥଳେ ହାଇକୋର୍ଟଙ୍କ ଆଦେଶକୁ ମଧ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହୋଇଆସୁଛି। ରାସ୍ତା ଉପରେ ଭାଲିଆଡିହି ଗ୍ରାମବାସୀ ଗୋଟିଏ ଯଜ୍ଞ ଘର ନିର୍ମାଣ ମଧ କରିଦେଇଛନ୍ତି। ବେଆଇନ ଘର ନେଇ ପ୍ରଶାସନ ଜାଣିଥିଲେ ମଧ ଭାଙ୍ଗିବା ପାଇଁ ପଦକ୍ଷେପ ନେଉନାହିଁ ବୋଲି ଦେଓଗାଁ ବାସିନ୍ଦା ଋଷି ପ୍ରଧାନଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଜଳୁନି ଷ୍ଟ୍ରିଟ୍‌ଲାଇଟ: ରାତିରେ ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଅନ୍ଧାର

ନୟାଗଡ଼,୫।୮(ଲୋକନାଥ ମିଶ୍ର)

ନୟାଗଡ଼ ସହର ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ଟ୍ୟାକ୍ସି ଷ୍ଟାଣ୍ଡଠାରୁ ବଲାଙ୍ଗୀ ବନ୍ଧ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନାହିଁ। ଶନିବାର ଓ ରବିବାର ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଅନ୍ଧାରରେ ରହିଛି। ନୟାଗଡ଼ ମ୍ୟୁନିସିପାଲିଟି ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ପରିତ୍ୟକ୍ତ ଅବସ୍ଥାରେ ବର୍ଜ୍ୟବସ୍ତୁ ପୃଥକୀକରଣ ପ୍ରକଳ୍ପ

ଖଣ୍ଡପଡ଼ା,୫।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଗ୍ରାମର ସୋମନାଥ ଦେବ କଲ୍ୟାଣ ମଣ୍ଡପ ସମ୍ମୁଖରେ ୧.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବର୍ଜ୍ୟବସ୍ତୁ ପୃଥୀକରଣ ପ୍ରକଳ୍ପଟି ନିର୍ମାଣ ପରଠାରୁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ପ୍ରକଳ୍ପର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇ ପଡି ରହିଥିବାବେଳେ ଏହା ବିଷଧର ସରୀସୃପଙ୍କ ନିମନ୍ତେ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡିଛି। ପ୍ରକଳ୍ପର ଉପର ଅଂଶ ଟିଣ ଛପର ଉଠି ଯାଇଥିବା ବେଳେ ଲୁହା ଖୁଣ୍ଟଗୁଡିକ କଳଙ୍କି ଧରିବା ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପଟି ନିର୍ମାଣ କରାଯାଇଥିଲା। ଏହି ନୂତନ ପ୍ରକଳ୍ପଟି ପଞ୍ଚାୟତ କର୍ତ୍ତୃପକ୍ଷ ନତୁବା ବ୍ଲକ ପ୍ରଶାସନ କେହି ହେଲେ ଧ୍ୟାନ ନ ଦେଇ ଆଖିବୁଜି ଦେଇଥିବା ଜଣାପଡିଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ମଧ୍ୟଖଣ୍ଡରେ ବୋଲ୍‌ବମ୍ ସେବା ଶିବିର

ଦଶପଲ୍ଲା,୫।୮( ପ୍ରକାଶ କୁମାର ପାଣି)

ପବିତ୍ର ଶ୍ରାବଣ ସୋମବାର ଉପଲକ୍ଷେ ନୟାଗଡ଼ ଜିଲାର ବିଭିନ୍ନ ଶୈବପୀଠରେ ଲାଗି ରହିଛି କାଉଡିଆଙ୍କ ଭିଡ଼। ନୟାଗଡ଼ ଜିଲାର ଉଗ୍ରେଶ୍ୱର, ବାଲୁଙ୍କେଶ୍ୱର, ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶ୍ରାବଣ ମାସରେ ମହାଦେବଙ୍କୁ ଜଳଲାଗି କରିବାର ବିଧି କାହିଁ କେତେ କାଳରୁ ଚାଲି ଆସିଛି। ଏହି ମାସର ସୋମବାରରେ ପ୍ରଭୁଙ୍କୁ ଜଳଲାଗି କଲେ ସମସ୍ତ ମନ କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି କ୍ରମରେ ରବିବାରଠାରୁ ନୟାଗଡ଼ ଜିଲାର ବିଭିନ୍ନ ତୀର୍ଥଘାଟରୁ ଜଳ ଉଠାଇ ଜଳଲାଗି ପାଇଁ ଯାଉଥିବା କାଉଡ଼ିଆମାନଙ୍କୁ ଦଶପଲ୍ଲାର ସର୍ବବୃହତ୍ ଗ୍ରାମ ମଧ୍ୟଖଣ୍ଡର ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ଏକ ବୋଲ୍‌ବମ୍ ସେବା ଶିବିର ଆୟୋଜନ କରାଯାଇଥିଲା। ପ୍ରାୟ ୩ ଶହ ବୋଲ୍‌ବମ୍ ଭକ୍ତଙ୍କୁ ଖାଦ୍ୟ, ପାନୀୟ, ବିଶ୍ରାମ ସମେତ ପଦସେବା ଓ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଗ୍ରାମର ଯୁବଗୋଷ୍ଠୀଙ୍କ ପକ୍ଷରୁ ଏଭଳି ଆୟୋଜନ କରାଯାଇଥିବାରୁ କାଉଡ଼ିଆମାନେ ଖୁସିବ୍ୟକ୍ତ କରିଥିଲେ।


କାଉଡ଼ିଆମାନେ ମନ୍ଦିରକୁ ଯାଉଛନ୍ତି।

# ପରିବେଶ ପ୍ରଦୂଷିତ, ବିକୃତ ହେଉଛି ସଂସ୍କୃତି, ପରମ୍ପରା

### ଶ୍ରାବଣର ୩ୟ ସୋମବାର ପାଇଁ କାଉଡ଼ିଆଙ୍କ ଭିଡ଼

ଖଣ୍ଡପଡ଼ା,୫।୮(ଅଜୟ କୁମାର ମହାରଣା)

କେବଳ ଜାତୀୟ ରାଜପଥ ନୁହେଁ। ଗାଁ ଗହଳିର ଅଙ୍କାବଙ୍କା ରାସ୍ତାରେ ଏବେ କାଉଡ଼ିଆଙ୍କ ଓଁ ନମଃ ଶିବାୟର ଧ୍ୱନିରେ ପ୍ରକମ୍ପିତ ହେଉଛି। ଶିବଙ୍କୁ ଜଳ ଅର୍ପଣକରି ନିଜର ଏବଂ ପରିବାରର ତଥା ସମାଜର ମଙ୍ଗଳ କାମନା କରୁଛନ୍ତି ଶିବଭକ୍ତମାନେ। ଏହି କଷ୍ଟସାଧ ବୋଲ୍‌ବମ୍ ଯାତ୍ରାକୁ ନେଇ ଏବେ ସବୁଠି ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ହେଲେ ଏହି ଯାତ୍ରା ଯୋଗୁ ପରିବେଶ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ଏହା ସଂସ୍କୃତି ଓ ପରମ୍ପରାକୁ ବିକୃତ କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।

ବୋଲ୍‌ବମ୍ ଯାତ୍ରା ଦେବଦେବ ମହାଦେବଙ୍କୁ ଜଳାଧାରରେ ସନ୍ତୁଷ୍ଟ କରିବାର ବିଶ୍ୱାସ ରଖି ୩ ପାଳି ହେବ ଭକ୍ତମାନେ କଣ୍ଟିଲୋ ନୀଳମାଧବ ପୀଠ ମହାନଦୀ ଘାଟ ସମେତ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ନଦୀରୁ ବାହୁଙ୍ଗିରେ ଜଳଭାର ନେବା ପାଇଁ ଆସିଥାନ୍ତି। ଏହି ଯାତ୍ରାରେ ଏବେ ବହୁ ମହିଳା, କଲେଜ ପଢୁଆ ଝିଅ ମଧ ସାମିଲ ହେଉଛନ୍ତି। ବୋଲ୍‌ବମ୍ ଏକ ଭକ୍ତି ଭାବରେ ଆହୂତ ଶ୍ରଦ୍ଧା ଓ ବିଶ୍ୱାସର ଯାତ୍ରା। ମନେ ମନେ ଶିବନାମ ବା ଭକ୍ତି ରସାତ୍ମକ ଗୀତ ବଦଳରେ ବିଭିନ୍ନ ଫିଲ୍ମ ଗୀତର ତାଳେ ତାଳେ ଠାକୁରଙ୍କ ନାମକୁ ଜବରଦସ୍ତ ଯୋଗକରି ମନଇଚ୍ଛା ସଙ୍ଗୀତ ସୃଷ୍ଟି କରୁଛନ୍ତି। ବାହୁଙ୍ଗିରେ ଘଣ୍ଟି ଘାଗୁଡ଼ି ଓ ବ୍ୟାଟେରିଚାଳିତ ବିଭିନ୍ନ ଆଲୋକମାଳା ସଜ୍ଜିତ କରିବା, ମୁଣ୍ଡରେ ବିଭିନ୍ନ ରଙ୍ଗବେରଙ୍ଗର ମୁକୁଟ ପିନ୍ଧିବା ଆଦି ସାଜସଜ୍ଜାରେ ଆଜିକାଲିର ଭକ୍ତମାନଙ୍କର ଅଧିକ ମନ। ଅପରପକ୍ଷରେ କାଉଡ଼ିଆମାନେ ନଦୀରୁ ଜଳଭାର ନେଇ ଗାଁଦାଣ୍ଡରେ ଯିବା ସମୟରେ ବିଭିନ୍ନ ଅପ୍ରାସଙ୍ଗିକ ବୋଲିରେ ଯେପରି ଶବ୍ଦ ଉଚ୍ଚାରଣ କରି ଯାଉଛନ୍ତି ତାହା ଧର୍ମୀୟ ଭାବନା ତଥା ଚିନ୍ତାଧାରାକୁ କୁଠାରାଘାତ କରୁଛି। ଏହି ସମୟରେ ଏହା ଆଧ୍ୟାତ୍ମିକ ପରିବେଶ ପରିବର୍ତ୍ତେ ଏକ ଅପସଂସ୍କୃତି ସୃଷ୍ଟିକରୁଥିବା ଜଣାପଡୁଛି। ଅନ୍ୟପକ୍ଷରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ପଲିଥିନ ଜରିର ବ୍ୟବହାରକୁ କଡ଼ାକଡ଼ି ବାରଣ କରାଯାଇଛି। ମାତ୍ର ସମସ୍ତ କାଉଡ଼ିଆ ନଦୀଘାଟକୁ ପୂଜା ସାମଗ୍ରୀ ପଲିଥିନରେ ଏବଂ କାଚ ବୋତଲରେ ଆଣୁଛନ୍ତି। ଏହି ଅବ୍ୟବହୃତ ପଲିଥିନ ଓ କାଚ ବୋତଲକୁ ନଦୀଘାଟରେ ଫୋପାଡ଼ି ଦେଉଥିବାରୁ ତାହା ପରିବେଶକୁ ଅଧିକ ପ୍ରଦୂଷିତ କରୁଛି। ସମ୍ପ୍ରତି ମହାନଦୀ ଘାଟ ତଥା କୂଳରେ ବହୁଳ ପରିମାଣରେ ପଲିଥିନି ଜରି, କାଚ ଅବା ପ୍ଲାଷ୍ଟିକ୍ ବୋତଲ(ଶିଶି) ପଡ଼ିଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସୁଥିବା ଶତାଧିକ ପର୍ଯ୍ୟଟକ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନଦୀକୂଳରେ ଅବ୍ୟବହୃତ ପଲିଥିନ ଓ ଅନ୍ୟ ଅଳିଆ ଆବର୍ଜନାକୁ ସଫା କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ନିୟୋଜିତ ଥିବା ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ସୂଚନା ଦେଇଥିବା ବେଳେ ନଦୀକୂଳରେ କୁଢ଼ କୁଢ଼ ପଲିଥିନ୍ ଓ ଅନ୍ୟ ସାମଗ୍ରୀ ବିଛାଡ଼ି ହୋଇପଡ଼ିଥିବା ପରିଲକ୍ଷିତ ହେଉଛି। ଅପରପକ୍ଷରେ କାଉଡିଆମାନେ ନଦୀ ମଧ୍ୟରୁ ଜଳଭାର ସଂଗ୍ରହ ସମୟରେ କିଛି ନା କିଛି ଅଘଟଣ ଘଟିବା ଆଶଙ୍କା ରହିଥିବାରୁ ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତିକ୍ଷ୍ଣ ନଜର ରଖିଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସୂଚନା ଦେଇଛନ୍ତି।


ନଦୀ କୂଳରେ ବିଛାଡ଼ି ହୋଇପଡ଼ିଛି କାଉଡ଼ିଆମାନେ ବ୍ୟବହାର କରିଥିବା ପଲିଥିନି ।

# ସୀମା ଲଂଘିଛି ଓଭରଲୋଡିଂ ପରିବହନ

ଯାଜପୁର,୫।୮ (ହର୍ଷବର୍ଦ୍ଧନ ବେହେରା)

- ବେଆଇନ ଲୁହାପଥର, ବାଲି, ମୋରମ, ଗେଟି ଚାଲାଣ ଅଣାୟତ୍ତ
- ଦବୁଛି ରାସ୍ତା, ବଢୁଛି ଦୁର୍ଘଟଣା

ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର କୋରେଇ ବ୍ଲକ ଅନ୍ଧାରି ଛକଠାରୁ ପାଣିକୋଇଲି ଏବଂ ସେଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ଓଭରଲୋଡିଂ ପରିବହନ ସୀମା ଲଂଘିଛି। ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ଅଧୀନରେ ଥିବା ଏହି ଅଞ୍ଚଳରେ ଲୁହାପଥର, ବାଲି, ମୋରମ, ଗେଟି ମେଟାଲ ଆଦି ଓଭରଲୋଡିଂ ଗାଡ଼ି ଚଳାଚଳ କରୁଛି। ଯାଜପୁର ପରିବହନ ବିଭାଗର କେତେଜଣ ଅଧିକାରୀ ସମ୍ପୃକ୍ତ ଗାଡ଼ି ମାଲିକମାନଙ୍କଠାରୁ ମୋଟା ଅଙ୍କର ଚାନ୍ଦା ନେଇ ଉକ୍ତ ବେଆଇନ କାର୍ଯ୍ୟକୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଜିଲାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହେଉଥିବା ମତପ୍ରକାଶ ପାଇଛି।

ରାଜ୍ୟ ପରିବହନ କମିଶନର ୨୦୧୬ ଅକ୍ଟୋବରରେ ଜାତୀୟ ରାଜପଥରେ ପ୍ରତ୍ୟହ ବହୁସଂଖ୍ୟାରେ ଲୁହାପଥର, ଆଇରନ୍ ପେଲେଟ୍, ଫ୍ଲାଏ୍ଆଶ୍, ଗେଟି, ବାଲି ଆଦି ବୋଝେଇ ଭାରିଯାନ ଚଳାଚଳ କରୁଛି ବୋଲି ଉଲ୍ଲେଖ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ଦର୍ଶାଇଥିଲେ ଯେ, କେତେକ ଗାଡ଼ିରେ କ୍ଷମତାଠାରୁ ଊର୍ଦ୍ଧ୍ୱ ମାଲ୍ ପରିବହନ ହେଉଛି। ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ଫେଡେରେଶନ ପକ୍ଷରୁ ଏଭଳି ଭାରିଯାନ ଗାଡ଼ି ଚଳାଚଳକୁ ବନ୍ଦ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ସେହି ବୈଠକରେ ଏଭଳି ଭାରିଯାନ ଗାଡ଼ି ଚଳାଚଳ ଉପରେ କଟକଣା ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ଭାରିଯାନ ଚଳାଚଳ କେବଳ ବେଆଇନ ନୁହେଁ, ଏହା ଗୁରୁତର ଭାବେ ରାସ୍ତାକୁ କ୍ଷତିକରିବା ସହିତ ଦୁର୍ଘଟଣା ଘଟି ଜୀବନଜୀବିକା ପ୍ରତି ବିପଦ ହେଉଛି। ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ମଧ୍ୟ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ତେଣୁ ଗାଡ଼ି ମାଲିକ, କମ୍ପାନୀ, ମାଇନିଂ ମାଲିକ, ଲଘୁଖଣିଜ ଦ୍ରବ୍ୟର ଲିଜ୍‌ଧାରୀ, ଷ୍ଟିଲ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ କରି ଏନେଇ ସଚେତନ କରିବା ସହିତ ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଥିଲେ। ତେବେ ଏଭଳି ନିର୍ଦ୍ଦେଶ ଯାଜପୁର ଆରଟିଓ ଅଧୀନରେ କେବଳ କାଗଜକଲମରେ ସୀମିତ। ଯାନବାହନ ଚଳାଚଳର ସମସ୍ତ ନୀତି ନିୟମକୁ ଏଠାରେ ଉଲ୍ଲଂଘନ କରାଯାଉଛି। ବିଡମ୍ବନା ଯେ, ପରିବହନ ଅଧିକାରୀଙ୍କୁ ହାତକରି ଏଠାରେ ବୈତରଣୀ ନଦୀର ଏକାଧିକ ଘାଟରୁ ଓଭରଲୋଡିଂ ହୋଇ ବାଲି ପରିବହନ ହେଉଛି। ଏହାସହ ବେଆଇନ ମୋରମ ଓ ଗେଟି ଚାଲାଣକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଛୋଟମୋଟ ଓଭରଲୋଡିଂ ଗାଡ଼ିକୁ ଧରି ପରିବହନ ବିଭାଗ କେବଳ ବାହୁସ୍ଫୋଟ ମାରୁଛି ବୋଲି ଅଭିଯୋଗ ହେଉଛି।

ରାସ୍ତାଗୁଡ଼ିକର ନିର୍ମାଣ ଓ ମରାମତିରେ ସରକାର ବିପୁଳ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉପରୋକ୍ତ ଅଞ୍ଚଳରେ ବେଆଇନ ଭାବେ ଓଭରଲୋଡ୍ ମାଲ୍ ପରିବହନ ହେଉଥିବାରୁ ରାସ୍ତାଗୁଡ଼ିକ ଫାଟି ନଷ୍ଟ ହେଉଛି। କେତେଜଣ ଗାଡ଼ିମାଲିକଙ୍କ ସମେତ ଖଣି, ପୋଲିସ ଓ ପରିବହନ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ଥିବାରୁ ଓଭରଲୋଡିଂ କାରବାର ଅଣାୟତ୍ତ ହେବାରେ ଲାଗିଛି। ୨୦ ନମ୍ବର ଜାତୀୟ ରାଜପଥର ଅନ୍ଧାରି ଛକଠାରୁ ପାଣିକୋଇଲି ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତାର ଅବସ୍ଥାକୁ ଅବଲୋକନ କଲେ କେତେ ପରିମାଣର ଭାରିଯାନ ଗାଡ଼ି ଚଳାଚଳ କରୁଛି ତାହା ସ୍ପଷ୍ଟ ବାରି ହୋଇ ପଡୁଛି। ଏ ନେଇ ଅଭିଯୋଗ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଆରଟିଓ ନୀଳକଣ୍ଠ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ନିୟମିତ ତନଖି କରାଯାଇ ଅତ୍ୟଧିକ ମାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଜୁଲାଇରେ ୩୦ରୁ ଊର୍ଦ୍ଧ୍ୱ ଭାରିଯାନ ଉପରେ ଜରିମାନା ଆଦାୟ କରିବାକୁ ସୁପାରିସ ହୋଇଥିବା ପ୍ରଧାନ କହିଛନ୍ତି।

## ମହାବିନାୟକ ପୀଠରେ ୧୫ ହଜାର କାଉଡ଼ିଆ ଜଳଲାଗି କଲେ



ମହାବିନାୟକ ପୀଠରେ କାଉଡ଼ିଆଙ୍କ ଭିଡ଼।

ଚଣ୍ଡିଖୋଲ,୫।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ଭାବେ ପରିଚିତ ମହାବିନାୟକ ପୀଠ। ଏଠାରେ ଦେବଦେବ ମହାଦେବଙ୍କ ସମେତ ବିଷ୍ଣୁ, ଗଣେଶ, ଦୁର୍ଗା ଓ ସୂର୍ଯ୍ୟ ଦେବତାଙ୍କୁ ଗୋଟିଏ ମନ୍ତ୍ରରେ ପୂଜା କରାଯାଇ ଥାଏ। ସୋମବାର ଶ୍ରାବଣ ମାସର ୩ୟ ସୋମବାର ଥିବାରୁ କାଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ୧୫ ହଜାର କାଉଡ଼ିଆ ଜଳ ଲାଗି କରିଥିବା କୁହାଯାଇଛି। ଭୋର୪ଟା ରୁ ଦିନ ୧୦ଟା ପର୍ଯ୍ୟନ୍ତ ଜଳଲାଗି ହୋଇଥିଲା। ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗସିଂହପୁର, ଭଦ୍ରକ ଓ ଢେଙ୍କାନାଳ ଜିଲାରୁ ବହୁ ସଂଖ୍ୟକ ଭକ୍ତ ଆସିଥିଲେ । ମନ୍ଦିର ଟ୍ରଷ୍ଟି ଓ ବଡ଼ଚଣା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ଦ୍ୱାରରୁ ବେଢା ଦେଇ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ପାହାଡ଼ ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ପୁରା ଲମ୍ବା ଧାଡି ଲାଗି ରହିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କାଉଡ଼ିଆମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଇଥିଲା। ବଡ଼ଚଣା ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ କାଉଡ଼ିଆମାନେ ଜଳଲାଗି କରିଥିଲେ।

## ଗୋରେଖନାଥ ପୀଠ: ୪୦ ହଜାର ଭକ୍ତଙ୍କ ଜଳଲାଗି

ରଘୁନାଥପୁର,୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

### ଟ୍ରାଫିକ୍ ନିୟନ୍ତ୍ରଣ ପ୍ରମୁଖ ସମସ୍ୟା

ଶ୍ରାବଣ ତୃତୀୟ ସୋମବାର ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ୪୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି ବୋଲି ପୀଠ ପ୍ରଶାସନ ପକ୍ଷରୁ କୁହାଯାଇଛି। ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ରାତି ୧ଟାରେ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପାଣିଢଳା ପର୍ବ ଆରମ୍ଭ ହୋଇଥିଲା। ରବିବାରଠାରୁ ପୀଠ ପରିସର ଓ ଆଖପାଖ ଅଞ୍ଚଳରେ କାଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କାଉଡ଼ିଆମାନେ ନେଇକି ଆସିଥିବା ଟ୍ରକ ଓ ଚାରିଚାକିଆ ଗାଡିକୁ ଜଇପୁର ଛକଠାରୁ ଅଟକେଇ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ତିର୍ତ୍ତୋଲ ପୋଲିସ ପକ୍ଷରୁ ୭୦ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ରାତି ୧ଟା ପରେ ଅବ୍ୟବସ୍ଥା ଦେଖାଯାଇଥିଲା। ଅଧିକାଂଶ ପୋଲିସ ପୀଠ ପରିସରରେ ନିୟୋଜିତ ରହିଥିବାରୁ ଅଟୋ ଓ ଚାରିଚାକିଆ ଯାନ ପୀଠ ନିକଟକୁ ଅନାୟାସରେ ଯାତାୟାତ କରିଥିଲେ।ଫଳରେ ପାଣିଭାର ନେଇ ଯାଉଥିବା ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ସମାଜ ବିକାଶ ମିଶନର ଆବାହକ ସରିତ ମହାପାତ୍ର, ଏରସମାସ୍ଥିତ ହେଲ୍‌ପିଙ୍ଗ ହ୍ୟାଣ୍ଡ ସୋସାଇଟିର ଦେବାଶିଷ ଜେନା, ଉଇ ଲଭ ସେବାର ବାପୁ ବିଶ୍ୱାଳ ଓ ସ୍ଥାନୀୟ ଗୋରେଖନାଥ ଯୁବକ ସଂଘର ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଅସୁସ୍ଥତା ସତ୍ତ୍ୱେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି କମିଟି ପକ୍ଷରୁ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ମହାନ୍ତି, ପ୍ରଶାନ୍ତ କୁମାର ଭୂୟାଁ. ପ୍ରଦୀପ୍ତ କୁମାର ମହାନ୍ତି ଓ କିରାଣି ସରୋଜ କୁମାର ସାହାଣୀ ପ୍ରମୁଖ ପୀଠରେ ଉପସ୍ଥିତ ରହି ସହାୟତା ଯୋଗାଇ ଦେଇଥିଲେ। ଆଗନ୍ତୁକ କାଉଡ଼ିଆଙ୍କ ନିମନ୍ତେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ଚା', ଜଳଖିଆ ଓ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପୀଠରେ ଫାଷ୍ଟଏଡ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ ଓ ବ୍ୟାପକ ଆଲୋକୀକରଣର ବ୍ୟବସ୍ଥା ହୋଇଥିଲା।



ଗୋରେଖନାଥଙ୍କ ପୀଠରେ ଜଳ ଲାଗି ପାଇଁ ଭକ୍ତଙ୍କ ଲମ୍ବା ଲାଇନ।

## ୧୪ ଶିକ୍ଷକଙ୍କୁ ସିଆରସିସି ଭାବେ ପଦୋନ୍ନତି



ପଦୋନ୍ନତି ପାଇଥିବା ଶିକ୍ଷକମାନେ।

ଯାଜପୁର,୫।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ରସୁଲପୁର ବ୍ଲକର ୧୪ ଜଣ ଶିକ୍ଷକଙ୍କୁ ପଦୋନ୍ନତି ପୂର୍ବକ ୫ ବର୍ଷ ପାଇଁ ସିଆର୍‌ସିସି ଭାବେ ନିଯୁକ୍ତି ମିଳିଛି। ଏନେଇ ଜିଲା ଶିକ୍ଷାଧିକାରୀ ତାଙ୍କ ପତ୍ରସଂଖ୍ୟା ୩୪୮୦/୩।୮।୨୦୨୪ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପଦୋନ୍ନତି ପାଇଥିବା ଶିକ୍ଷକମାନେ ହେଲେ ଦର୍ଶନ ସରକାରୀ ହାଇସ୍କୁଲର ଜିତେନ୍ଦ୍ର କୁମାର ସାହୁ, କୁସୁନପୁର ୟୁପି ସ୍କୁଲର ଚିନ୍ମୟ ପାତ୍ର, ମଦନମୋହନ ନୋଡାଲ ସ୍କୁଲର ମାନସ କୁମାର ଦାଶ, ହାଟସାହି କରଜଙ୍ଗା ୟୁପି ସ୍କୁଲର ମିତ୍ରଭାନୁ ନାୟକ, ଅଲପୁଅ ପ୍ରାଥମିକ ସ୍କୁଲର ବିଜୟ କୁମାର ସାହୁ, ବନଦୁର୍ଗା ୟୁପି ସ୍କୁଲର ଦେବକୀ ପାତ୍ର, ଇଚ୍ଛାପୁର ୟୁପି ସ୍କୁଲର ପ୍ରଭାତ କୁମାର ନାଥ, ନରସିଂହପୁର ପ୍ରାଥମିକ ସ୍କୁଲର ବୈଜୟନ୍ତୀ ସାହୁ, ପହଙ୍ଗା ୟୁଜିଏମ୍‌ଇର ମଦନମୋହନ ବେହେରା, ମଧୁବନ ସରକାରୀ ହାଇସ୍କୁଲର ରମେଶ ଚନ୍ଦ୍ର ସ୍ୱାଇଁ, ଦୁର୍ଗାପୁର ୟୁପି ସ୍କୁଲର ବିରଜା ଲକ୍ଷ୍ମୀ ସାହୁ, ମଦନମୋହନ ନୋଡାଲ ସ୍କୁଲର ସଞ୍ଜୀବ କୁମାର ସୂତାର, ମଧୁପୁର ସରକାରୀ ହାଇସ୍କୁଲର ବିଶ୍ୱଜିତ ସେଠୀ ଓ ଭଗତଭଗବାନ ପ୍ରାଥମିକ ସ୍କୁଲର ବସନ୍ତ କୁମାର ସାମଲ । ଆସନ୍ତା ୬ ତାରିଖ ସୁଦ୍ଧା ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କୁ ନିର୍ଦ୍ଧାରିତ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।


ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com




@ ଅମୟକୁମାର



@ ପ୍ରଶାନ୍ତ



@ ରାମକୃଷ୍ଣ



@ ସତ୍ୟମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଠାବ

ନାଉଗାଁ,୫।୮ (ସୁଧା ବେହୁରା): ନାଉଗାଁ ଥାନା ଅନ୍ତର୍ଗତ ଦେବୀନଦୀର ଦେବୀ ଦୋଳ ସେତୁ ନିକଟରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଠାବ କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଯୁବକଙ୍କ ବୟସ ୩୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସେ ଏକ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ବେକରେ ଏକ ହନୁମାନ ପଦକ ରହିଛି। ବାମ ହାତରେ ଅଳ୍ପ ବ୍ୟାଣ୍ଡେଜ କପଡା ଗୁଡାଯାଇଛି। ନାଉଗାଁ ଥାନା ପକ୍ଷରୁ ମୃତଦେହ ଜବତ କରାଯାଇ ଅପମୃତ୍ୟୁ ମାମଲା (ନଂ.୧୦/୨୪) ରୁଜୁ କରାଯାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି। ସୋମବାର ପ୍ରାତଃ ସମୟରେ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ଏହାପରେ ନାଉଗାଁ ଥାନା କର୍ମଚାରୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ବାହାର କରିଥିଲେ।

## ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଗୁରୁତ୍ୱ

ପାଟକୁରା, ୫।୮ (ରବୀନ୍ଦ୍ର ନାଥ ବାରିକ)

### ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଧାୟକ

ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକ ଅରବିନ୍ଦ ମହାପାତ୍ର ପରିଦର୍ଶନରେ ଆସି ଆଉଟଡୋରରେ ରୋଗୀମାନଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ତାଙ୍କ ସହ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିରଞ୍ଜନ କର ଓ ଡା. ହିମାଂଶୁ ଭୂଷଣ ଷଡଙ୍ଗୀ ଉପସ୍ଥିତ ଥିଲେ। ୫ଟିରେ ୩ କୋଟିରୁ ଅଧିକ ଟଙ୍କାରେ ନିର୍ମାଣ କରାଯାଉଥିବା ଆଉଟ ଡୋର ବିଲ୍‌ଡିଂର କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଲ୍‌ଡିଂ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲେବର ରୁମ୍‌ରେ ଓ ବାହାରେ ଥଣ୍ଡା-ଗରମ ପାଣିର ଆବଶ୍ୟକ ଥିବାରୁ ଏହାକୁ ବିଧାୟକ ଯୋଗାଇ ଦେବେ ବୋଲି କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବର୍ଜ୍ୟ ପାଣି ନିଷ୍କାସନ ହେଉ ନ ଥିବାରୁ ଏହାର ବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକମାନଙ୍କ ପାଇଁ ପାର୍କିଂର ବ୍ୟବସ୍ଥା ଓ ଅଧିକ ସଂଖ୍ୟାରେ ଶୌଚାଳୟ ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା। ପରେ ବିଧାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ସମୀକ୍ଷା କରିଥିଲେ। ସେଠାରେ ଡା. କର, ଡା. ଷଡଙ୍ଗୀ, ବିପିଏମ୍ ଉଷାରାଣୀ ବାରିକ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, କ୍ଷିତୀଶ ଦାସ, ପାଟକୁରା ସମିତି ସଭ୍ୟ ରାକେଶ ମହାପାତ୍ର, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୫୩ ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ ନିମ୍ନମାନର

ଡେରାବିଶ,୫।୮ (ବେବର୍ତ୍ତା ଅଜୟ ଦାସ)

- କଟିକଟା ଛକଠାରୁ କେନ୍ଦ୍ରାପଡ଼ା ଜିଲା ଗୋପ ଛକ ଯାଏ ୨୨ କି.ମି.
- ଠିକା ସଂସ୍ଥା ବିରୋଧରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭିଜିଲାନ୍ସ, କର୍ତ୍ତୃପକ୍ଷଙ୍କୁ ଅଭିଯୋଗ

ଚଣ୍ଡିଖୋଲରୁ ପାରାଦୀପ ଯାଇଥିବା ୫୩ ନଂ. ଜାତୀୟ ରାଜପଥକୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ୮ ଲେନ୍ କାର୍ଯ୍ୟ ୨୦୨୩ ଡିସେମ୍ବରରୁ ଆରମ୍ଭ ହୋଇଛି। ତେବେ ୨୮ଶହ କୋଟି ଟଙ୍କା ବ୍ୟୟରେ ଚଣ୍ଡିଖୋଲରୁ ପାରାଦୀପ ୭୨ କି.ମି. ପର୍ଯ୍ୟନ୍ତ ଏହି ୮ ଲେନ୍ ବିଶିଷ୍ଟ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ୩ଟି ଠିକାସଂସ୍ଥାକୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟର ଯାଜପୁର ଜିଲା କଟିକଟା ଛକଠାରୁ କେନ୍ଦ୍ରାପଡ଼ା ଜିଲା ଗୋପ ଛକ ଯାଏ ୨୨ କି.ମି. ନିର୍ମାଣର କାର୍ଯ୍ୟଦେଶ ଆନ୍ଧ୍ରର ଏକ ଠିକା ସଂସ୍ଥା କରୁଛି। ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ କୋଟି ଟଙ୍କା ବ୍ୟୟରେ ଏହି ଠିକା ସଂସ୍ଥା ନିର୍ମାଣାଧୀନ ରାଜପଥର କାର୍ଯ୍ୟକୁ ପ୍ରଥମରୁ ଅତି ନିମ୍ନମାନର କରୁଥିବା ନେଇ ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ୍ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାପାଳ ଏବଂ ଭିଜିଲାନ୍ସ ବିଭାଗ କଟକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଅଭିଯୋଗ ଡେରାବିଶ ବ୍ଲକ୍ ଅଧୀନ ଡେରାଡିହ ଗାଁର ସୁମନ୍ତ କୁମାର ସେଠୀ, ଶୈଳେନ୍ଦ୍ର କୁମାର ଜେନା, କୁରୁଜଙ୍ଗା ଗ୍ରାମର ଅଭିମନ୍ୟୁ ରାଉତ, ନିଳିକଣା ଗାଁର ମରୁତ ସ୍ୱାଇଁ ଓ କେନ୍ଦ୍ରାପଡ଼ା ବ୍ଲକ୍ ଦୁହୁରିଆ ପାଣ୍ଡିରି ଗାଁର ରଞ୍ଜନ କୁମାର ଭୂୟାଁଙ୍କ ସମେତ ଶତାଧିକ ଅଞ୍ଚଳବାସୀ ସ୍ୱାକ୍ଷର କରିଛନ୍ତି।

ପ୍ରଥମରୁ ପ୍ରଶସ୍ତୀକରଣ ରାସ୍ତା କାର୍ଯ୍ୟକୁ ଖୋଳାଯାଇ ପାର୍ଶ୍ୱରେ ଏକ ମାଟିବନ୍ଧ କରାଯାଇଛି। ମାଟି ଉଠା ଯାଇଥିବା ଖାଲଗୁଡିକରେ ବାହାରୁ ଭଲ ମାଟି ଅଣାଯାଇ ଏହି ପୋତାଯିବାକୁ ନିୟମ ରହିଛି। ମାତ୍ର ଠିକା ସଂସ୍ଥା ରାଜପଥ କଡ଼ରୁ ମାଟି ଉଠାଇ ପ୍ରଥମେ କରିଥିବା ବନ୍ଧକୁ ପୁଣି



ସେହି ଖାଲରେ ପକାଇ ପୋତିଥିଲା। ମାଟି ଖନନ ବେଳେ ଡେରାବିଶ ବ୍ଲକ୍ ପଞ୍ଚୁପାଣ୍ଡବ ଛକଠାରୁ ଗୋପ ଯାଏ ରାଜପଥର ଉଭୟ ପାର୍ଶ୍ୱରେ ବାହାରିଥିବା କଳାମାଟି ଏହି ଖାଲରେ ପୋତାଚାଲିଛି। ଏଥିସହ ମାଟି ବଦଳରେ ଅନୁଗୋଳ ଜିଲା ଏନ୍‌ଟିପିସିରୁ ପାଉଁଶ ଆଣି ଏହି ରାଜପଥ ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥା ବେଆଇନ ଭାବେ ଲଗାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ରାଜପଥକୁ ମଜଭୁତ କରିବା ପାଇଁ ବାଲି ଓ ମୋରମ ପକାଇବା ପାଇଁ ନିୟମ ଥିବାବେଳେ ଏହା ବଦଳରେ ନିଲାମ ହୋଇ ନ ଥିବା ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ଆଲମଗିରି ପାହାଡ଼ରୁ ଚୋରାରେ ଧଳାମାଟି ମିଶା ପଥର ପକାଯାଉଛି। ତେଣୁ ରାଜପଥର ସ୍ଥାୟିତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସେହିପରି ଏହି ରାଜପଥରେ ନିର୍ମାଣ ହେଉଥିବା ଛୋଟ ବଡ଼ ପୋଲରେ କଂକ୍ରିଟ କାମ ପାଇଁ ଭଲ ବାଲି ପରିବର୍ତ୍ତେ ଅତି ନିମ୍ନମାନର ମାଟିମିଶା ବାଲି ବ୍ୟବହାର ହେଉଥିବାରୁ ପୋଲର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଡେରାବିଶ ବ୍ଲକ୍‌ଅଞ୍ଚଳ ଦେଇ ଯାଇଥିବା ଏହି ରାଜପଥଟି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ତଦନ୍ତକରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଲାଲା ଗୁଲଶନଙ୍କୁ ପଚାରିବାରେ ଏହି ୨୨ କି.ମି. ରାଜପଥ କାମ ଅନୁଧ୍ୟାନ କରିବା ପରେ ଠିକା ସଂସ୍ଥା ବିରୋଧରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଆନ୍ଦୋଳନ ପରେ ପୁରୁଣା ଲେଭଲ କ୍ରସିଂ ରାସ୍ତା ଖନନ ବନ୍ଦ

- ପ୍ରଶସ୍ତୀକରଣ ନ କରି ବନ୍ଦ ହେଉଥିଲା ପୁରୁଣା ଲେଭଲ କ୍ରସିଂ ରାସ୍ତା
- ସହକାରୀ ସିଭିଲ ରେଳ ଇଞ୍ଜିନିୟରଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ
- ଓଭରବ୍ରିଜର ଉଭୟପାର୍ଶ୍ୱ ବାଇପାସ୍ ରାସ୍ତା ହେବ ପ୍ରଶସ୍ତୀକରଣ
- ପ୍ରଶସ୍ତୀକରଣ ପରେ ବନ୍ଦ କରାଯିବ ପୁରୁଣା ଲେଭଲ କ୍ରସିଂ ରାସ୍ତା


ରାସ୍ତାରୋକୋ ଆନ୍ଦୋଳନ କରୁଥିବା ୩ ଗ୍ରାମବାସୀଙ୍କୁ ପ୍ରଶାସନିକ ଅଧିକାରୀ ବୁଝାଉଛନ୍ତି।


ପୁରୁଣା ଲେଭଲ କ୍ରସିଂ ରାସ୍ତା।

ନୟାଗଡ଼,୫।୮ (ଲୋକନାଥ ମିଶ୍ର)

ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀ ନିକଟରେ ଓଭରବ୍ରିଜ କାର୍ଯ୍ୟକ୍ଷମ ପରେ ସୋମବାର ବଲାଙ୍ଗୀର-ଖୋର୍ଦ୍ଧା ରେଳପଥ ପକ୍ଷରୁ ପୁରୁଣା ଲେଭଲ କ୍ରସିଂ ରାସ୍ତାକୁ ଖନନ କରି ବନ୍ଦ କରାଯାଉଥିଲା। ନୟାଗଡ଼ ବ୍ଲକର ବରପଲ୍ଲୀ, ଲକ୍ଷ୍ମୀପ୍ରସାଦ ଓ ନରେନ୍ଦ୍ରପୁର ଆଦି ୩ଟି ଗାଁର ଲୋକଙ୍କର ବାଇପାସ୍ ରାସ୍ତା ନିକଟସ୍ଥ ବରପଲ୍ଲୀ ରେଲୱେ ଫାଟକ ନିକଟରେ ଆନ୍ଦୋଳନ ପରେ ପୁରୁଣା ଲେଭଲ କ୍ରସିଂ ରାସ୍ତାର ଖନନ କାର୍ଯ୍ୟକୁ ବନ୍ଦ କରାଯାଇଛି। ଅନ୍ୟପକ୍ଷେ ଓଭରବ୍ରିଜର ଉଭୟପାର୍ଶ୍ୱ ବାଇପାସ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ପରେ ପୁଣି ଥରେ ପୁରୁଣା ଲେଭଲ କ୍ରସିଂ ରାସ୍ତାକୁ ଖନନ କରାଯାଇ ବନ୍ଦ କରାଯିବ ବୋଲି ରେଳବାଇ ବିଭାଗର ସହକାରୀ ସିଭିଲ ଇଞ୍ଜିନିୟର ପ୍ରକାଶ ରାଓ ଓ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ ପ୍ରତିଶ୍ରୁତି ଦେବା ପରେ ୩ଟି ଗାଁର ଲୋକ ଆନ୍ଦୋଳନକୁ ପ୍ରତ୍ୟାହୃତ କରି ନେଇଥିଲେ।

ସୂଚନାଯୋଗ୍ୟ, ବରପଲ୍ଲୀ, ଲକ୍ଷ୍ମୀପ୍ରସାଦ ଓ ନରେନ୍ଦ୍ରପୁର ଗାଁରେ ୩୦୦ ପରିବାରର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀଠାରେ ଓଭରବ୍ରିଜ ନିର୍ମାଣ ପରେ ସମ୍ପୃକ୍ତ ଗାଁକୁ ଯିବାକୁ ହେଲେ ବାଇପାସ୍ ରାସ୍ତା ଦେଇ ଯିବାକୁ ପଡୁଥିଲା। ବାଇପାସ୍ ରାସ୍ତାର ପୁରୁଣା ଲେଭଲ କ୍ରସିଂ ରାସ୍ତାକୁ ବନ୍ଦ କରାଗଲେ ଓଭରବ୍ରିଜର ଗୋଡିସାହିଠାରେ ଉଠିବାକୁ ପଡିବ। ଗୋଡିସାହିଠାରେ ନୟାଗଡ଼- ଖଣ୍ଡପଡ଼ା ରାସ୍ତାର ବାଇପାସ ରାସ୍ତା ପୂରା ଅଣଓସାରିଆ। ପୁରୁଣା ଲେଭଲ କ୍ରସିଂ ରାସ୍ତା ବନ୍ଦ କରାଗଲେ ୩ଟି ଗାଁର ଲୋକ ୨୦୦ ମିଟର ରାସ୍ତା ବଦଳରେ ୫ କି.ମି. ରାସ୍ତା ବୁଲିକି ଯିବାକୁ ପଡିବ। ୩ଟି ଗାଁକୁ ଯିବାକୁ ହେଲେ ରାସ୍ତାରେ ୪ ଚକିଆ ଯାନ ଯିବା ସମ୍ଭବ ନୁହେଁ। ପୁଣି ସ୍କୁଲ ଓ କଲେଜ ବସ, ଆମ୍ବୁଲାନ୍ସ, ଦମକଳ, ବିବାହ ଗାଡ଼ି ଗାଁ ଭିତରକୁ ଯାଇପାରିବ ନାହିଁ। ପିଲା ପାଠ ପଢ଼ି ଯିବାକୁ ହଇରାଣ ହେବେ। ଅନ୍ୟପକ୍ଷେ ବିକଳ୍ପ ରାସ୍ତାକୁ ପ୍ରଶସ୍ତୀକରଣ ନ କରି ରେଳ ବିଭାଗ ପୁରୁଣା ଲେଭଲ କ୍ରସିଂ ରାସ୍ତା ବନ୍ଦ କରିବାର ପ୍ରକ୍ରିୟାକୁ ୩ଟି ଗାଁର ଲୋକ ପ୍ରତିବାଦ କରିଥିଲେ। ଓଭରବ୍ରିଜର ଉଭୟପାର୍ଶ୍ୱ ବାଇପାସ ରାସ୍ତା ପ୍ରଶସ୍ତୀକରଣ ନ କରି ଲେଭଲ କ୍ରସିଂ ରାସ୍ତା ବନ୍ଦ ନ କରିବାକୁ ୩ଟି ଗାଁର ଲୋକମାନେ ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜର ଭୁବନେଶ୍ୱର ଓ ଜଟଣୀ, ନୟାଗଡ଼ ବିଧାୟକ, ପୁରୀ ଏମ୍‌ପି, ରେଳବାଇ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ଲୋକଙ୍କ ପ୍ରତିବାଦକୁ ନ ଶୁଣି ପୁରୁଣା ଲେଭଲ କ୍ରସିଂ ରାସ୍ତାକୁ ରେଳ ବିଭାଗ ସୋମବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ରାସ୍ତା ଖନନ କାର୍ଯ୍ୟ ଆରମ୍ଭ ପୂର୍ବରୁ ୩ ଖଣ୍ଡ ଗାଁର ଲୋକ ଏକଜୁଟ ହୋଇ କାମ ବନ୍ଦ କରିଥିଲେ। ସୋମବାର ପୂର୍ବାହ୍ନ ସାଢ଼େ ୮ଟାରୁ ଆନ୍ଦୋଳନ ହେବାରୁ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ନୟାଗଡ଼ ସଦର ଥାନା ପୋଲିସ, ନୟାଗଡ଼ ଏସ୍‌ଡିପିଓ, ନୟାଗଡ଼ ତହସିଲଦାର, ରେଳବାଇ ବିଭାଗର ସହକାରୀ ସିଭିଲ ଇଞ୍ଜିନିୟର ପ୍ରକାଶ ରାଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ପାଇବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ୩ ଗାଁର ଲୋକ ଆନ୍ଦୋଳନରୁ ହଟି ଥିଲେ। ଏ ନେଇ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁଙ୍କୁ ପଚାରିବାରେ ୩ଟି ଗାଁକୁ ୪ ଚକିଆ ଯାନ ଯିବାର ସୁବିଧା ନ ହେବାରୁ ଗାଁର ଲୋକ ଆନ୍ଦୋଳନ କରିଥିଲେ। ବୁଝାଶୁଝା ପରେ ୩ ଗାଁର ଲୋକଙ୍କୁ ନେଇ ଏକ କମିଟି ହୋଇଥିଲା। କମିଟିର ସଭ୍ୟଙ୍କ ସହ ଆଲୋଚନା ପରେ ଓଭରବ୍ରିଜର ଉଭୟପାର୍ଶ୍ୱ ବାଇପାସ ରାସ୍ତା ପ୍ରଶସ୍ତୀକରଣ କରାଯିବ। ପ୍ରଶସ୍ତୀକରଣ ପରେ ରେଳ ବିଭାଗ ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେବା ପରେ ଲୋକ ଆନ୍ଦୋଳନରୁ ହଟିଥିଲେ।

## ପାନୀୟ ଜଳ ପାଇବାରୁ କିସ୍‌ମତ ଇଚ୍ଛାପୁରବାସୀ ବଞ୍ଚିତ

ଖଣ୍ଡପଡ଼ା,୫।୮ (ଅଜୟ କୁମାର ମହାରଣା)

ଗ୍ରାମବାସୀଙ୍କୁ ପାଇପ ଲାଇନ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ରାଜ୍ୟ ସରକାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଜରିଆରେ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ଖଣ୍ଡପଡ଼ା ବ୍ଲକ୍‌ର ଖଳିସାହି ପଞ୍ଚାୟତ ଅଧୀନ କିସ୍‌ମତ ଇଚ୍ଛାପୁର ଗ୍ରାମର ବାସିନ୍ଦା ୨ବର୍ଷ ହେଲା ପାଇପଲାଇନ ଯୋଗେ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଉକ୍ତ ଗ୍ରାମକୁ ପାଇପ ଲାଇନ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ମାତ୍ର ୨ବର୍ଷ ହେଲା ଆଉ ପାଇପ ଲାଇନ ଯୋଗେ ଗ୍ରାମକୁ ପାଣି ଯାଉନାହିଁ। ଏ ସମ୍ପର୍କରେ ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ ବ୍ଲକ୍ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇପଲାଇନ ଯୋଗେ ଜଳ ଯୋଗାଣ ବନ୍ଦ ପରେ ଗ୍ରାମବାସୀ ବାଧ୍ୟହୋଇ ଏକ ନଳକୂପ ସମେତ ଅନ୍ୟ ଜଳଉତ୍ସରୁ ଏବେ ପାଣି ସଂଗ୍ରହ କରୁଥିବା ଜଣାପଡ଼ିଛି। ନଳକୂପର ପାଣି ଫ୍ଲୋରାଇଡ୍‌ଯୁକ୍ତ ହୋଇଥିବାରୁ ବିଭିନ୍ନ ରୋଗର ଶିକାର ହେବା ଆଶଙ୍କା ରହିଛି। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାଇପଲାଇନ ମରାମତି କରାଯାଇ କିସ୍‌ମତ ଇଚ୍ଛାପୁର ଗ୍ରାମବାସୀଙ୍କୁ ପାଇପ ଯୋଗେ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟିଦେବେ ବୋଲି କହିଛନ୍ତି।


ନଳକୂପରୁ ଗାଁ ଲୋକେ ଫ୍ଲୋରାଇଡ୍‌ଯୁକ୍ତ ପାଣି ସଂଗ୍ରହ କରୁଛନ୍ତି।

## ଲଡୁବାବାଙ୍କୁ ଜଳଲାଗି କଲେ ୬ ହଜାର କାଉଡିଆ


ଲଡୁବାବାଙ୍କୁ ଜଳଲାଗି କରିବାକୁ କାଉଡ଼ିଆମାନେ ଧାଡ଼ିରେ ଠିଆ ହୋଇଛନ୍ତି।

ଶରଣକୁଳ, ୫।୮ (ଦୀପକ କର)

ଶ୍ରାବଣର ତୃତୀୟ ସୋମବାରରେ ଲଡୁବାବାଙ୍କ ନିକଟରେ ଜଳଲାଗି ପାଇଁ ୬ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ବିଭିନ୍ନ ନଦୀରୁ ଜଳ ଭାର ନେଇ ଶରଣକୁଳ ଲଡୁବାବା ମନ୍ଦିର ସାମନାରେ ନିର୍ମିତ ଅସ୍ଥାୟୀ ଆଶ୍ରୟସ୍ଥଳ ତଥା ବିଭିନ୍ନ ସ୍ଥାନରେ ବିଶ୍ରାମ ନେଇଥିଲେ। ମହିଳା ଓ ଅଳ୍ପ ବୟସ୍କ କାଉଡିଆମାନଙ୍କ ପାଇଁ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମନ୍ଦିର ବେଢାରେ ବିଶ୍ରାମ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ରବିବାର ରାତି ୧୨.୩୦ଟାରେ ଲଡୁବାବାଙ୍କ ଅବକାଶ ନୀତି ହେବା ସହ ଅନ୍ୟ ନୀତି ସମ୍ପର୍ନ୍ନ ହେବା ପରେ ରାତି ୧.୧୦ରୁ ପ୍ରଥମେ ମହିଳା ଓ ଅଳ୍ପ ବୟସ୍କ ପରେ ଅନ୍ୟ ସବୁ କାଉଡ଼ିଆମାନେ ସିଂହଦ୍ୱାର ସମ୍ମୁଖ ବାରିକେଟ ମଧ୍ୟ ଦେଇ ଜଳକୁମ୍ଭ ମନ୍ଦିରରେ ପ୍ରବେଶ କରି ରୌପ୍ୟ ନିର୍ମିତ ପାଟ ବୃଷଭଙ୍କ ନିକଟରେ ଥିବା ତମ୍ବା ଲୋଧାରେ ନେଇଥିବା ଜଳକୁ ଲଡୁବାବାଙ୍କ ମସ୍ତକରେ ଲାଗ କରିଥିଲେ। ଏହି ସମୟରେ କାଉଡିଆମାନେ ଓଁ ନମଃ ଶିବାୟ, ଲଡୁବାବାକି ଜୟ, ହରହର ମହାଦେବ ଧ୍ୱନି ଉଚ୍ଚାରଣ କରିଥିଲେ। ଏଥିସହ ମାନସିକ ସିଦ୍ଧି ନିମିତ୍ତ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସକାଳ ୯ଟାରେ ଠାକୁରଙ୍କର ନୀତି ପାଇଁ କିଛି ସମୟ ଜଳଲାଗି ବନ୍ଦ ରହିଥିଲା। ପରେ ଦର୍ଶନ ଓ କାଉଡିଆଙ୍କର ଜଳାଭିଷେକ ଚାଲୁ ରହିଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ଓ ଅନ୍ୟ ସେବାୟତମାନେ କାଉଡିଆଙ୍କର ସୁବିଧାରେ ଜଳ ଲାଗି ତଥା ଦର୍ଶନର ସୁବନ୍ଦୋବସ୍ତ କରିବା ସହ ସମସ୍ତ ମନ୍ଦିର ନୀତି ସମ୍ପର୍ଣ୍ଣ କରିଥିଲେ। ସୋମବାର କାଉଡ଼ିଆ ସେବା ହାଟପାଟଣା (ଛାମୁସାହି) ସେବାୟତଙ୍କ ଉପରେ ନ୍ୟସ୍ତ ଥିଲା। ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ତଥା ମନ୍ଦିର ବାହାରେ ଶରଣକୁଳ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମୟ୍‌କୁମାର


@ ପ୍ରଶାନ୍ତ


@ ରାମକୃଷ୍ଣ


@ ସତ୍ୟମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାପାଳଙ୍କ ଜନଶୁଣାଣିରେ ୧୫୦ ଅଭିଯୋଗ

ନୟାଗଡ଼,୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧାଦେବ ସିଂ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ଶିବିରକୁ ଆସିବାରେ ବିଳମ୍ବ ହୋଇଥିବାବେଳେ ଅଭିଯୋଗକାରୀ ଅଭିଯୋଗ ପାଇଁ ଚଟାଣରେ ବସି ଅପେକ୍ଷା କରିବାକୁ ଦେଖିବାକୁ ମିଳିଥିଲା। ୧୫୦ଟି ଅଭିଯୋଗ ଆସିଥିବାବେଳେ ଏଥିରୁ ୧୩୯ ବ୍ୟକ୍ତିଗତ ଥିବାବେଳେ ୯ଟି ଗୋଷ୍ଠୀ ଗତ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ସହାୟତା ଦେବାକୁ ରହିଥିଲା। ତେବେ ଏଥିରୁ ୧୩ଟି ସମସ୍ୟାର ସମାଧାନ ହୋଇଥିଲା। ଏଥିରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ବସି ରହିଛନ୍ତି।

## କୁଆଁରିଆ ବିସ୍ଥାପିତଙ୍କ ଥଇଥାନ ପାଇଁ ସଂଗ୍ରାମ

- ରାଜ୍ୟପାଳଙ୍କୁ ପରାମର୍ଶକ୍ରମେ ଜିଲାପାଳଙ୍କୁ ଭେଟିଲେ
- ୪୪ ବର୍ଷ ପରେ ବି ଥଇଥାନ ନୋହିଲା
- ୮୦ ପରିବାରଙ୍କ ସଂଖ୍ୟା ଏବେ ୩୦୦ ପହଞ୍ଚିଲାଣି


ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା କୁଆଁରିଆଁ ବିସ୍ଥାପିତ ଲୋକମାନେ।

ନୟାଗଡ଼,୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର କୁଆଁରିଆ ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରକୁ ଠିକ୍ ଭାବେ ଥଇଥାନ କରାଯାଇ ନ ଥିବାରୁ ସେମାନେ ୪୪ ବର୍ଷ ହେଲା ହଇରାଣ ହେଉଛନ୍ତି। ୪୪ ବର୍ଷ ଭିତରେ ବିସ୍ଥାପିତ ପରିବାରଙ୍କ ସଂଖ୍ୟା ୮୦ରୁ ୩୦୦ରେ ପହଞ୍ଚି ସାରିଲାଣି। ସ୍ଥାୟୀ ଥଇଥାନ ପାଇଁ ରାଜନେତା ଓ ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେବା ପରେ ଶେଷରେ ରାଜ୍ୟପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ। ରାଜ୍ୟପାଳଙ୍କୁ ଭେଟିବା ପରେ ଥଇଥାନ ଓ କ୍ଷତିପୂରଣ ପାଇବା ନେଇ ରାଜ୍ୟପାଳଙ୍କର ଚିଠି ଧରି ନୟାଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ସୋମବାର ଆସି ଫେରାଦ୍ ହୋଇଛନ୍ତି।

ଏ ନେଇ ବୁଢ଼ାପଦର ଗାଁର ମୁରଲୀଧର ଦେହୁରୀ କହିଛନ୍ତି, କୁଆଁରିଆ ଡ୍ୟାମ ନିର୍ମାଣ ଯୋଗୁ ୧୯୮୦ରେ ୮୦ ପରିବାରକୁ ବିସ୍ଥାପିତ ହେବାକୁ ପଡିଥିଲା। ବିସ୍ଥାପିତ ପୂର୍ବରୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆମକୁ ବୁଗୁଡା କଲୋନୀରେ ଥଇଥାନ କରାଯାଇଥିଲା। ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ତେବେ ହାତଗଣତି କେଇ ଜଣଙ୍କୁ ଅସ୍ଥାୟୀ ପଟ୍ଟା ଦିଆଯାଇ ମୋ ପରି ଅନେକଙ୍କୁ ଅଣଦେଖା କରାଗଲା। ଆନ୍ଦୋଳନ, ପ୍ରତିବାଦ ପରେ ସୁଫଳ ମିଳିଲାନି। ଧୀରେ ଧୀରେ ଆମ ପରିବାର ବଢ଼ି ଚାଲିଲା। ଆମର ବିସ୍ଥାପିତ ଲୋକ ବୁଗୁଡା କଲୋନୀ, ଓଡସର, ରଙ୍ଗମାଟିଆ, ଡୁମାଣ୍ଡି, ନରାଜିପଡା, ଦୁଇପାଙ୍କୁ(ବୁଢ଼ାପଦର)ରେ ରହୁଛନ୍ତି। ଆମ ସଂଖ୍ୟା ଏବେ ୩୦୦ ପରିବାରରେ ପହଞ୍ଚି ଗଲାଣି। ହେଲେ ଆମକୁ ସ୍ଥାୟୀ ଭାବେ ଥଇଥାନ ନ କରି ହଟହଟା କରାଗଲା। ଆମ ଦୁଃଖ ବଳେଇ ଚାଲିଛି। ଡୁମାଣ୍ଡିର ମହେଶ୍ୱର କାଣ୍ଡି କହିଛନ୍ତି, ଆମକୁ ସ୍ଥାୟୀ ଭାବେ ଥଇଥାନ କରାଗଲାନି। ତେବେ ଆମେ ରହୁଥିବା ଅଞ୍ଚଳରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଯାଉଥିବାରୁ ଆମକୁ ପୁଣି ବିସ୍ଥାପିତ ହେବାକୁ ପଡିବ। ହେଲେ ଆମକୁ ସ୍ଥାୟୀ ପଟ୍ଟା ମଗାଯାଉଛି। ସରକାର ଆମକୁ ପଟ୍ଟା ନ ଦେଇ ସ୍ଥାୟୀ ପଟ୍ଟା ମାଗିଲେ ଦେବୁ କେଉଁଠୁ। ପଟ୍ଟା ନ ଦେବାରୁ ଆମେ ପୁଣି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଲୁ। ରେଳବାଇ ବିଭାଗରୁ ଜମି ଅଧିଗ୍ରହଣ ଟଙ୍କା ଓ ଥଇଥାନ ପାଇଁ ପୁଣି ଆମକୁ ହଇରାଣ ହେବାକୁ ପଡୁଛି। ଓଡସର ଗାଁର ସୁମନ୍ତ ଦଳବେହେରା କହିଛନ୍ତି, କୁଆଁରିଆ ବିସ୍ଥାପିତଙ୍କୁ ଅଣଦେଖା କରାଯାଇଥିବାରୁ ୪୪ ବର୍ଷ ହେଲା ବିସ୍ଥାପିତମାନେ ଅଭିଶପ୍ତ ଜୀବନଯାପନ କରି ଆସୁଛନ୍ତି। ଥଇଥାନ ପରେ ପୁଣି ରେଳପଥ ଯାଉଥିବାରୁ ପୁଣି ବିସ୍ଥାପିତ ହେବାକୁ ପଡିବ। ପ୍ରଶାସନ ଆମର ଅଭିଯୋଗ ଶୁଣୁଛି। ହେଲେ ସମାଧାନ କରୁନାହିଁ। ଏଣୁ ଆମେ କେବଳ ହଟହଟା ଓ ଅପଦସ୍ଥ ହୋଇ ଆସୁଛୁ। ପୂର୍ବତନ ଜିଲା ପରିଷଦ ସଭ୍ୟ କିସାର ଦଳବେହେରା କହିଛନ୍ତି, କୁଆଁରିଆ ବିସ୍ଥାପିତମାନେ ରାଜ୍ୟପାଳଙ୍କୁ ଭେଟି ସେମାନଙ୍କର ଦୁଃଖ ଜଣାଇଥିଲେ। ବିସ୍ଥାପିତଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଭେଟିବାକୁ ଏକ ଚିଠି ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଦେଇଥିଲେ। ସେହି ଚିଠି ଧରି ଜିଲାପାଳଙ୍କୁ ସୋମବାର ଭେଟିଛୁ। ଜିଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଚିଠି ଦେବା ପରେ ଜିଲାପାଳ ଭୂଅର୍ଜନ ମଣ୍ଡଳ ଅଧିକାରୀଙ୍କୁ ଡକାଇ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

